

ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ହାବିଲଦାର ଓ ସିପାହୀ ଆସୋସିଏଶନର ୪୯ତମ ବାର୍ଷିକ ଉତ୍ସବ, ୭ମ ବାଟାଲିୟନ କ୍ୟାଣ୍ଟିନ ପଡ଼ିଆ, ସକାଳ ୭ଟା ୩୦।
- ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ ର୍‍ୟାଲି, କଳିଙ୍ଗ ଷ୍ଟାଡିୟମ (ଗେଟ୍-୩), ସକାଳ ୮ଟା। ରାଜ୍ୟସ୍ତରୀୟ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜୟଦେବ ବିହାର ଛକ, ସକାଳ ୮ଟା ୩୦। ସାଧାରଣ ସଭା, ଜୟଦେବ ଭବନ, ଅପରାହ୍ନ ୫ଟା ୩୦।
- ଇନଷ୍ଟିଚ୍ୟୁଟ ଅଫ ସେଲ୍ଫ ରିଲିଆନ୍ସ ପକ୍ଷରୁ ଭାରତ ବିକାଶ ଆୱାର୍ଡ ଏବଂ ଜାତୀୟ ସେମିନାର, ପ୍ରେସ କ୍ଲବ ଓଡ଼ିଶା, ସକାଳ ୮ଟାରୁ ୫ଟା।
- ସମର୍ପିତ ଓଡ଼ିଶା ପକ୍ଷରୁ ଜାତୀୟ ରକ୍ତଦାତା ଅନୁଷ୍ଠାନ ସମ୍ମିଳନୀ ଓ ଅମୃତ ସଞ୍ଜିବନୀ ଜାତୀୟ ସମ୍ମାନ ଉତ୍ସବ, ଇଉ୍କଲ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଆଇଆଇଆଇଟି ଭୁବନେଶ୍ୱର ଓ ଇଏବଂ ଆଇଟି ବିଭାଗ ପକ୍ଷରୁ ମାଷ୍ଟର୍ସ ଟ୍ରେନର୍ସ ପ୍ରୋଗ୍ରାମ, ଆଇଆଇଆଇଟି କ୍ୟାମ୍ପସ, ଗୋଟପାଟଣା, ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ପାନୀ ସଚିବ ସଂସ୍ଥାନ ପକ୍ଷରୁ ସେମିନାର, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ଖାରବେଳ ନଗର, ପୂର୍ବାହ୍ନ ୧୦ଟା ୧୫।
- ସିପିଆଇ ପକ୍ଷରୁ ରାସ୍ତାରୋକୋ, ରାଜମହଲ ଛକ, ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟା ଷ୍ଟଡି ସେଣ୍ଟର ପକ୍ଷରୁ ଗ୍ରାଣ୍ଡ ସେମିନାର, ରେଲୱ୍ୱେ ଅଡିଟୋରିୟମ, ଓମଫେଡ ଛକ ନିକଟ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଫଟୋଗ୍ରାଫୀ କ୍ଲବ ପକ୍ଷରୁ ଚିତ୍ରବର୍ଣ୍ଣାଳୀ, ଲଳିତକଳା ଏକାଡେମୀ, ପୂର୍ବାହ୍ନ ୧୧ଟା ୩୦।

**କଟକ**

- କଟକ ମହାନଗର ଶାନ୍ତି କମିଟିର ସାଧାରଣ ପରିଷଦ ବୈଠକ, ଓସିଏ କ୍ଲବ, ବାରବାଟୀ ଷ୍ଟାଡିୟମ ପରିସର, ଅପରାହ୍ନ ୧୨ଟା ୩୦।
- ଖ୍ରୀଷ୍ଟିୟାନ ଏଣ୍ଡିଏଭୋର ୟୁନିୟନ ପକ୍ଷରୁ କ୍ରିସ୍‌ମାସ କାରୋଲ, ଓଡ଼ିଶା ବାପିଷ୍ଟ ଚର୍ଚ୍ଚ ପରିସର, ମିଶନ ରୋଡ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଗୁରୁଜଙ୍ଗ କପ କ୍ରିକେଟର ସ୍ୱତନ୍ତ୍ର ପ୍ରଦର୍ଶନୀ ମ୍ୟାଚ, ଗୁରୁଜଙ୍ଗ ଖେଳପଡିଆ, ମଧ୍ୟାହ୍ନ ୧୨ଟା।

**ବାଲିଅନ୍ତା**

- ପୁରାତନ ଛାତ୍ର ସମ୍ମିଳନୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଙ୍ଗୁଆରୀ, ପାହାଳ, ସକାଳ ୯ଟା।

## ଗାଡ଼ି ଧକ୍କାରେ ଜଣେ ମୃତ

**ଖୋର୍ଦ୍ଧା ଅଫିସ,୧୩।୧୨:** ୧୬ନଂ. ଜାତୀୟ ରାଜପଥର ଛତ୍ରମା ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମଜାର ଖାନ୍(୪୫)। ଘର ଖୋର୍ଦ୍ଧା ସଦର ଥାନାର ତୋଟାପଡା ଗାଁରେ। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନଂ. ୧୭୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଜାର ବାଇକ୍ ଯୋଗେ କୁକୁଡା ଦୋକାନକୁ ହାଡପଦା ଯାଉଥିଲେ।

### ସ୍ମାର୍ଟ ଫୋନ୍‌ର ମାୟା

# ପ୍ରଭାବିତ ହେଉଛି ପିଲାଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟ

**କଟକ ଅଫିସ,୧୩।୧୨**



ସ୍ମାର୍ଟ ଫୋନରେ କାର୍ଟୁନ୍, ଗୀତ, ଭିଡିଓ ଗେମ୍ ସହିତ ଟିକ୍‌ଟକ୍ ମାୟାରେ ପିଲାଠୁ ବୟସ୍କଙ୍କ ପର୍ଯ୍ୟନ୍ତ ବାୟା। ଏପରି କି ପିଲା ଅଝଟ କଲେ ମା' ବାପାମାନେ ସ୍ମାର୍ଟ ଫୋନ ଧରାଇ ଦେଇ ଶାନ୍ତ କରୁଛନ୍ତି। କିନ୍ତୁ ଏହା ଯେ ପିଲା ଉପରେ କୁପ୍ରଭାବ ପକାଉଛି ତାହା ଅନେକଙ୍କୁ ଅଜଣା ଅଛି। ଏକ ଅଧ୍ୟୟନରୁ ଜଣାପଡିଛି, ଏହାଦ୍ୱାରା ପିଲାଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ଏସ୍‌ସିବି ମେଡିକାଲ ମାନସିକ ରୋଗ ପ୍ରତିଷ୍ଠାନର ବିଶେଷଜ୍ଞ ଡା. ସତ୍ୟକାମ ମହାପାତ୍ର ଏକ ଅଧ୍ୟୟନ ରିପୋର୍ଟକୁ ଆଧାର କରି ଏଭଳି କଥା କହିଛନ୍ତି। ଡା. ମହାପାତ୍ରଙ୍କ କହିବା ଅନୁଯାୟୀ, ମୋବାଇଲ ଫୋନର ଅତ୍ୟଧିକ ବ୍ୟବହାର ଯୋଗୁ ପିଲାମାନଙ୍କର ବ୍ୟବହାରରେ ଅନେକ ପରିବର୍ତ୍ତନ ଦେଖାଦେଉଛି। ଯେମିତି କି ଅଧିକ ଚିଡ଼ିଚିଡ଼ା ହେବା, ପାଠପଢାରେ କମ୍ ଧ୍ୟାନ ଦେବା, ପରିବାରର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ମିଳାମିଶା କମ୍ କରିବା, ଏକୁଟିଆ ରହିବାକୁ ପସନ୍ଦ କରିବା, ସ୍ମରଣଶକ୍ତି ହ୍ରାସ ପାଇବା, ନିଦ କମିଯିବା, ଖାଦ୍ୟ କମ୍ ଖାଇବା, ଛୋଟ ଛୋଟ କଥାରେ ଭୟଭୀତ ହୋଇଯିବା ଆଦି ଘଟଣା ନଜରକୁ ଆସୁଛି। ଛୋଟ ପିଲାମାନେ ମୋବାଇଲ ଫୋନର ଅତ୍ୟଧିକ ବ୍ୟବହାର ଯୋଗୁ ସେମାନଙ୍କର କଥା କହିବା ଆରମ୍ଭ କରିବାରେ ବିଳମ୍ବ ହେଉଥିବା ଡା. ମହାପାତ୍ର କହିଛନ୍ତି। ଏପରି କି କିଛି ପିଲାଙ୍କର ମସ୍ତିଷ୍କ ଠିକ୍ ଭାବେ ବିକାଶ କରିବାରେ ବାଧାପ୍ରାପ୍ତ ହୋଇଥାଏ। ମାତ୍ରାଧିକ ସ୍ମାର୍ଟ ଫୋନ ବ୍ୟବହାର ଯୋଗୁ ମାନସିକ ଚାପ, ଡିପ୍ରେସନ, ଆଙ୍ଗଜାଇଟି ଓ ଏଡିଏଚ୍‌ଡି (ଆଟେନସନ ଡେଫିସିଟ୍ ହାଇପରଆକ୍ଟିଭିଟି ଡିଜ୍‌ଅର୍ଡର) ସମସ୍ୟା ସହିତ କେତେକ ଶାରୀରିକ କୁପ୍ରଭାବ ମଧ୍ୟ ପଡ଼ିଥାଏ। ଏଗୁଡ଼ିକ ହେଲା ମୁଣ୍ଡବିନ୍ଧା, ହାତଗଣ୍ଠି ଓ ଆଙ୍ଗୁଳି ବିନ୍ଧା ହେବା, ବେକ ଓ ଅଣ୍ଟା ଦରଜ ହେବା ଓ ଆଖି ଉପରେ କୁପ୍ରଭାବ ପଡ଼ିବା ଆଦି। କିଛିଦିନ ପୂର୍ବରୁ ସ୍ମାର୍ଟ ଫୋନରେ ବିଭିନ୍ନ ଅନ୍‌ଲାଇନ ଗେମ ଖେଳି ଅନେକ ଛୋଟ ପିଲା ଆତ୍ମହତ୍ୟା ମଧ୍ୟ କରିଥିଲେ। ମୋବାଇଲ ଫୋନର ଅତ୍ୟଧିକ ବ୍ୟବହାର ଯୋଗୁ ପିଲାମାନେ ଅଯଥା ଅନେକ ସମୟ ନଷ୍ଟ କରୁଛନ୍ତି, ଯାହାଦ୍ୱାରା ସେମାନଙ୍କର ପାଠପଢା ଉପରେ କୁପ୍ରଭାବ ପଡୁଛି।

ଡା. ମହାପାତ୍ରଙ୍କ କହିବା ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସ୍କ ପିଲାଙ୍କୁ ସ୍ମାର୍ଟ ଫୋନ ବ୍ୟବହାର ପାଇଁ ଦିଅନ୍ତୁ ନାହିଁ। ସନ୍ଧ୍ୟା ପରେ ପିଲାକୁ ମୋବାଇଲ ଫୋନ ନ ଦେବାକୁ ଡାକ୍ତର ବାରଣ କରିଛନ୍ତି। ପିଲାଙ୍କୁ ୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ମୋବାଇଲ ଫୋନ ବ୍ୟବହାର ପାଇଁ ଦିଆ ନ ଯାଉ, ପିଲା ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ତାକୁ ଏକୁଟିଆ ନ ଛାଡ଼ିବା ପାଇଁ ସେ କହିଛନ୍ତି। ପିଲାମାନେ ମାତାପିତାଙ୍କ ଅନେକ ବ୍ୟବହାରକୁ ଅନୁସରଣ କରିଥାନ୍ତି। ତେଣୁ ଅଭିଭାବକମାନେ ମଧ୍ୟ ନିଜ ମୋବାଇଲ ଫୋନର କମ୍ ବ୍ୟବହାର କରନ୍ତୁ। ଯଦି ପିଲା ମାତ୍ରାଧିକ ମୋବାଇଲ ଫୋନ୍ ବ୍ୟବହାର କରୁଥାଏ ଓ ତାହାର ବ୍ୟବହାରରେ ପରିବର୍ତ୍ତନ ଦେଖାଯାଏ ତେବେ ପିଲାକୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେଇ ପରାମର୍ଶ କରିବା ପାଇଁ ଡା. ମହାପାତ୍ର କହିଛନ୍ତି।

# ୨୦ଜଣଙ୍କୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପୁରସ୍କାର



**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

- ମେ'ରେ ଇସ୍ରୋ ଯିବେ ବିଜେତା
- ୧୦ ଜିଲାରେ ହେବ ୧୦ ସାଇନ୍ସ ପାର୍କ
- ୬ ଜିଲାରେ କରାଯିବ ପ୍ଲାନେଟାରିୟମ

ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) ୨୦୧୯-୨୦ର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ପଠାଣି ସାମନ୍ତ ପ୍ଲାନେଟାରିୟମରେ ଅନୁଷ୍ଠିତ ହୋଇଯାଇଛି। ୟାଟ୍‌ସ ୨୦୧୯-୨୦ର ବିଷୟବସ୍ତୁ ଥିଲା 'ବ୍ରହ୍ମାଣ୍ଡର ଚମତ୍କାରକୁ ଉଜାଗର କରିବା'। ଏଥିରେ ସାରା ରାଜ୍ୟର ୩୦୦ ବିଦ୍ୟାଳୟର ମୋଟ ୬୨ ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ୨୦ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୨୦୨୦ ମେ'ରେ ୨୦ ବିଜେତାଙ୍କୁ ଗୋଟିଏ ସପ୍ତାହ ପାଇଁ ଇସ୍ରୋ ପରିଦର୍ଶନରେ ନିଆଯିବ। ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୟାଟ୍‌ସ କାର୍ଯ୍ୟକ୍ରମ ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ ପ୍ରତିପାଦିତ ହୋଇପାରିଛି। ଏହା ଦେଶର ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନର ଗବେଷଣା ଓ ବିକାଶ କ୍ଷେତ୍ରରେ ସହାୟକ ହେବ।

କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ରାଜ୍ୟରେ ଖୁବ୍‌ଶୀଘ୍ର ୧୦ ଜିଲାରେ ୧୦ଟି ସାଇନ୍ସ ପାର୍କ କରାଯିବ। ପରେ ପରେ ରାଜ୍ୟର ସମସ୍ତ ଜିଲାରେ ସାଇନ୍ସ ପାର୍କ କରିବାକୁ ମଧ୍ୟ ଯୋଜନା ରହିଛି। ଏଥିସହିତ ୬ ଜିଲା ଯଥା- ବାରିପଦା, ଗୋପାଳପୁର, ରାୟଗଡ଼ା, କେନ୍ଦୁଝର, ବଲାଙ୍ଗୀର ଓ ରାଉରକେଲାଠାରେ ପ୍ଲାନେଟାରିୟମ କରାଯିବ ବୋଲି କହିଛନ୍ତି। ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ୍ କହିଥିଲେ ଯେ, ଜ୍ୟୋତିର୍ବିଦ୍ୟା ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ଆମ ଦେଶ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି। ଯୁବପିଢ଼ିଙ୍କୁ ପ୍ରଯୁକ୍ତି ଓ ଉଦ୍‌ଭାବନ କ୍ଷେତ୍ରରେ ନିଜର ଆଗ୍ରହ ଓ ଜ୍ଞାନକୁ ବଢ଼ାଇବା ଲାଗି ଉତ୍ସାହିତ କରିବା ଦିଗରେ ଏହା ଏକ ଉଦ୍ୟମ। ଆସନ୍ତା ବର୍ଷଗୁଡ଼ିକରେ ଟାଟା ଷ୍ଟିଲ ଏହି ଅଭିଯାନକୁ ଆହୁରି ଆଗକୁ ନେବାକୁ ପ୍ରତିବଦ୍ଧ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଗବେଷକ, ବୈଜ୍ଞାନିକ ତଥା ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଓ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ (ନାଇଜର)ର ନିର୍ଦ୍ଦେଶକ ଡ. ସୁଧାକର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ଏକ ମତ ବିନିମୟ ଅଧିବେଶନରେ ଡ. ପଣ୍ଡା ୟାଟ୍‌ସର ବିଜେତାଙ୍କୁ ଉଦବୋଧନ ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ରସିଦ ଖାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଟାଟା ଷ୍ଟିଲ କର୍ପୋରେଟ ସେବା ବିଭାଗର ଉପସଭାପତି ଚାଣକ୍ୟ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଗରିକତ୍ୱ ସଂଶୋଧନ ଆଇନ ରଦ୍ଦ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ନାଗରିକତ୍ୱ ସଂଶୋଧନ ଆଇନ ରଦ୍ଦ ଦାବିରେ ସିପିଆଇ(ଏମ୍) ଭୁବନେଶ୍ୱର ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ମହାତ୍ମାଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ(ଏମ୍) ଆଞ୍ଚଳିକ ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀ ଏବଂ ବରିଷ୍ଠ ନେତା ଜନାର୍ଦ୍ଦନ ପତିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ସିପିଆଇ(ଏମ୍) କର୍ମକର୍ତ୍ତାମାନେ କହିଛନ୍ତି, ଧର୍ମ ଭିତ୍ତିରେ ନାଗରିକତ୍ୱ ପ୍ରଦାନ କରିବା ଭାରତୀୟ ସମ୍ବିଧାନର ମୌଳିକ ଲକ୍ଷ୍ୟ, ଦୃଷ୍ଟିଭଙ୍ଗୀ ଏବଂ ସାମ୍ବିଧାନିକ ଆଇନର ବିରୋଧାଚରଣ କରୁଛି। କ୍ଷମତାର ଦୁରୁପଯୋଗ କରି ସଂସଦରେ ବିଲ୍ ଗୃହୀତ କରାଇବା ଏବଂ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର କରି ବିଲ୍‌କୁ ଆଇନରେ ପରିଣତ କରିବାର ପ୍ରୟାସରୁ ଜଣାପଡୁଛି ଯେ, କେନ୍ଦ୍ର ସରକାର ଭାରତରେ ଶରଣାର୍ଥୀ ଭାବେ ଥିବା ସଂଖ୍ୟାଲଘୁ ମୁସଲମାନଙ୍କୁ ନାଗରିକତ୍ୱରୁ ବଞ୍ଚିତ କରିବେ। ଏକ ନିର୍ଦ୍ଦିଷ୍ଟ ଧର୍ମକୁ ନାଗରିକ ଅଧିକାରରୁ ବଞ୍ଚିତ କରିବା ଉଦ୍ଦେଶ୍ୟରେ ଏବଂ ଦେଶକୁ ଧର୍ମ ନାମରେ ବିଭାଜନ କରିବା ଲାଗି ଏପରି ଭୟାନକ ଆଇନ ଅଣାଯାଇଛି। ଏହା ଦ୍ୱାରା ସମଗ୍ର ଦେଶରେ ଅସ୍ଥିରତା ଏବଂ ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଏହି ଆଇନକୁ ରଦ୍ଦ କରିବାକୁ ସିପିଆଇ(ଏମ୍) ଦାବି କରିଛି। ଏହି ବିକ୍ଷୋଭରେ ସିପିଆଇ(ଏମ୍) ଆଞ୍ଚଳିକ କମିଟି ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ କୁମାର ଦାସ, ଯଜ୍ଞେଶ୍ୱର ସାମନ୍ତରାୟ, ଜଗଦୀଶ ଜେନା, ପ୍ରଭାତ ପାଣିଗ୍ରାହୀ, ପ୍ରଦୀପ୍ତ ନାୟକ,ବିମଳୀ ନାୟକ, ନିରୁପମା ନାୟକ ଓ ରମେଶ ଜେନା ପ୍ରମୁଖ ସାମିଲ ଥିଲେ।


ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




କୁନା



ଶୁଭାଂଶୁ



ଅମରେଶ



ହାପି



ଅନ୍ତର୍ଯ୍ୟାମୀ



ପ୍ରସନ୍ନ



ଶୁଭ


ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ

www.dharitri.com/category/selfie/


# ସାଇକେଲରେ ଅଫିସ୍ ଆସିଲେ ଅଧିକାରୀ, କର୍ମଚାରୀ







ଶୁକ୍ରବାର ବିଡିଏ, ବିଏମ୍‌ସି ଅଫିସକୁ ସାଇକେଲରେ ଆସୁଥିବା କର୍ମଚାରୀମାନେ।

**ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)**

**ସହର ପ୍ରଦୂଷଣମୁକ୍ତ ଲକ୍ଷ୍ୟ**

- ପ୍ରତି ଶୁକ୍ରବାର ବିନା ଗାଡ଼ିରେ ଆସିବେ ବିଏମ୍‌ସି, ବିଡିଏ, ବିଏସ୍‌ସିଏଲ୍ କର୍ମଚାରୀ

ସହରାଞ୍ଚଳ ପରିବେଶକୁ ଯାନବାହନ ପ୍ରଦୂଷଣରୁ ମୁକ୍ତ ରଖିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଏବଂ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଏକ ଭଲ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୩ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ପ୍ରତି ଶୁକ୍ରବାର ନିଜ ମୋଟରସାଇକେଲ କିମ୍ବା ୪ ଚକିଆ ଯାନବାହନ ଧରି ନ ଆସିବାକୁ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେହି ଅନୁଯାୟୀ ଶୁକ୍ରବାର ସକାଳ ୧୦ଟା ୩୦ ମିନିଟରେ ବିଡିଏ ଉପାଧ୍ୟକ୍ଷ, ବିଏମସି କମିଶନର ତଥା ବିଏସ୍‌ସିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଚନ୍ଦ୍ର ଚୌଧୁରୀ ସାଇକେଲ ଯୋଗେ ବିଏମସି କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଗାଡି ଆଣି ନ ଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ସାଇକେଲରେ ଆସିଥିବା ବେଳେ ଅନ୍ୟ କେତେ ଜଣ ମୋ ବସରେ ଆସିଥିବା ଦେଖା ଯାଇଥିଲା। ପ୍ରେମଚନ୍ଦ୍ର କହିଛନ୍ତି ଯେ ସହରର ପରିବେଶ ବେଳକୁ ବେଳ ପ୍ରଦୂଷଣ ହେବାରେ ଲାଗିଛି। ଆଗାମୀ ଦିନରେ ଏହା ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ। ଆମେମାନେ ଯଦି ସାଇକେଲରେ ଯିବା ଆସିବା କରିବା ତେବେ ଏହା ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବ। କର୍ମଚାରୀମାନଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ମୁଁ ସବୁ ଦିନ ସାଇକେଲ ଚଲାଏ। ସମସ୍ତେ ସାଇକେଲ ଚଲାଇଲେ ପରିବେଶ ଭଲ ରହିବ। ଆମେ ଯେହେତୁ ସହରର କର୍ତ୍ତୃପକ୍ଷ ପ୍ରଥମେ ଆମକୁ ପଦକ୍ଷେପ ନେବା ଦରକାର। ମୋ ସାଇକେଲ ଯୋଜନାରେ ଏଣିକି ଆଉ ଭିନ୍ନ ଭିନ୍ନ ଆପ୍ ନ କରି ଗୋଟିଏ ଆପ୍ କରାଯିବ। ଲୋକମାନଙ୍କୁ ସାଇକେଲ ବୁକିଂ କରିବାକୁ ସହଜ ହେବ ବୋଲି ପ୍ରେମଚନ୍ଦ୍ର କହିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ବିଡିଏ, ବିଏମସି ଏବଂ ବିଏସସିଏଲ କର୍ମଚାରୀମାନେ ବିନା ଗାଡିରେ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟ ପରିସରରେ ମଧ୍ୟ କୌଣସି ଯାନବାହନ ଦେଖାଯାଇ ନ ଥିଲା। ଏପରିକି କାର୍ଯ୍ୟାଳୟଗୁଡିକର ପାର୍କିଂ ଅଞ୍ଚଳକୁ ମଧ୍ୟ କୌଣସି ଯାନବାହନ ଛଡା ଯାଇ ନ ଥିଲା। ସୁରକ୍ଷା କର୍ମୀମାନେ କର୍ମଚାରୀଙ୍କ ବ୍ୟତୀତ କାର୍ଯ୍ୟାଳୟକୁ ଆସୁଥିବା ବାହାର ଲୋକମାନଙ୍କ ଗାଡିକୁ ମଧ୍ୟ ଛାଡି ନ ଥିଲେ।

## ଟ୍ରାଫିକ ଅବ୍ୟବସ୍ଥା ନେଇ ହାଇକୋର୍ଟଙ୍କ ଶୁଣାଣି

## ଡିସିପିଙ୍କ ଅଧ୍ୟକ୍ଷତାରେ ଗଠନ ହେବ କମିଟି

**କଟକ ଅଫିସ,୧୩।୧୨**

ବାଦାମବାଡିରୁ ଲିଙ୍କରୋଡ ପର୍ଯ୍ୟନ୍ତ ଟ୍ରାଫିକ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପରିସ୍ଥିତିରେ ସୁଧାର ଆଣିବା ପାଇଁ ଏକ କମିଟି ଗଠନ କରାଯିବ। ଏଥିରେ କଟକ ଡିସିପି ଅଧ୍ୟକ୍ଷ ରହିବେ। ସ୍ଥାୟୀ ସମାଧାନ ପାଇଁ ବାଦାମବାଡ଼ିରୁ ଲିଙ୍କରୋଡ ମଧ୍ୟରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ମଧ୍ୟ ଉକ୍ତ କମିଟି ସ୍ଥାନ ନିର୍ଦ୍ଧାରଣ କରିବ। ବାଦାମବାଡି-ଲିଙ୍କରୋଡ ଟ୍ରାଫିକ୍ ସମସ୍ୟା ଉପରେ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଆଡଭୋକେଟ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଆସନ୍ତା ୧୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ସାହିତ୍ୟର ପ୍ରସାର ଲାଗି 'ସଂଗଠନ' ଜରୁରୀ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

**'ଅକ୍ଷର'ର ଅଷ୍ଟମ ସନ୍ଧ୍ୟା**

ଯୁଗେ ଯୁଗେ ସାହିତ୍ୟ ଓ ଶାସ୍ତ୍ରର ଚର୍ଚ୍ଚା ହୋଇଛି। ସଂଗଠନ ମାଧ୍ୟମରେ ଏହି ଚର୍ଚ୍ଚା ସଂପ୍ରସାରିତ ଓ ଉତ୍ସାହିତ ହୋଇଥାଏ। ସହିତର ଭାବ ସାହିତ୍ୟ ହୋଇଥିବାବେଳେ ସୃଜନଶୀଳ କ୍ରିୟାଶୀଳତା ହେଉଛି ସଂଗଠନ। ପୁସ୍ତକ ଓ ଲେଖକ ମଧ୍ୟରେ ସମ୍ବେଦନଶୀଳ ସଂପର୍କ ଜାରି ରଖିବା ସାହିତ୍ୟ ସଂଗଠନଗୁଡ଼ିକର କାର୍ଯ୍ୟ ବୋଲି ବିଶିଷ୍ଟ ଅନୁବାଦକ ତଥା ସଂଗଠକ ଡ. ପ୍ରଭାକର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଦ୍ୱିତୀୟ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ସ୍ୱାଇଁ କହିଥିଲେ, ଭାଷା ଓ ସାହିତ୍ୟର ପ୍ରଚାର ଏବଂ ପ୍ରସାର ନିମନ୍ତେ ସଂଗଠନ ଅପରିହାର୍ଯ୍ୟ। ସାହିତ୍ୟକୁ ପ୍ରବୃତ୍ତି ଭାବରେ ଗ୍ରହଣ କଲେ ଜଣେ ସଫଳ ସଂଗଠକ ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ କହିଥିଲେ, ଓଡ଼ିଶାରେ ଭାଗବତ ରଚନା ପରଠାରୁ ଭାଗବତ ଟୁଙ୍ଗି ଜରିଆରେ ସାହିତ୍ୟର ସଂଗଠନ ଆରମ୍ଭ ହୋଇଛି। ଏହାଦ୍ୱାରା ସଂପର୍କ ନିବିଡ଼ ଓ ସୁଦୃଢ଼ ହୋଇପାରିଛି। ବାଲେଶ୍ୱରରେ ଫକୀର ମୋହନଙ୍କ ସଂଗଠନ, କଟକରେ କଟକ ସଭା, ଉତ୍କଳ ସମ୍ମିଳନୀ, ଖଡ଼ିଆଳ ସାହିତ୍ୟ ସମିତି ଓ ଉତ୍କଳ ସାହିତ୍ୟ ସମାଜ ଭଳି ସଂଗଠନ ଦ୍ୱାରା ଭାଷା, ଭୂମି ଓ ମୁକ୍ତିର ଆନ୍ଦୋଳନ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଗାଳ୍ପିକ ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ତରୁଣ କୁମାର ସାହୁ କହିଥିଲେ, ସଂଗଠନ ମାଧ୍ୟମରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ମିଳିବ। ଅନାଲୋଚିତ ବ୍ୟକ୍ତିତ୍ୱମାନଙ୍କୁ ମୂଳସ୍ରୋତକୁ ଅଣାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜଧାନୀ ପୁସ୍ତକ ମେଳା କମିଟିର ପ୍ରତିଷ୍ଠାତା ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ ରାଜ୍ୟରେ ପୁସ୍ତକ ମେଳାର ପୃଷ୍ଠଭୂମି ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଜୟନ୍ତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଳୟର ଗ୍ରନ୍ଥାଧ୍ୟକ୍ଷ ସନ୍ତୋଷ ଚାଟାର୍ଜୀ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା'ସହିତ ବନ୍ଧୁତା ବାନ୍ଧ ନାହିଁ।
- କନ୍‌ଫୁସିୟସ



# ୱାଇ ଫର୍ମରେ ବାଲି ଜାଲିଆତି

■ ୬ ମାସ ହେବ ଚଢ଼ାଉ ହେଉନି
■ ୩୨ ଲକ୍ଷ ଜରିମାନା ଦେଇନାହାନ୍ତି, ବାଲି ଉଠାଉଛନ୍ତି

**କଟକ ଅଫିସ, ୧୩।୧୨**

କଟକ ଜିଲାର ବିଭିନ୍ନ ନଦୀରୁ ବାଲି ଚୋରାଚାଲାଣ ହେଉଛି। ଏହି ଚୋରାଚାଲାଣ କାର୍ଯ୍ୟରେ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ ଓ ଗ୍ୟାଙ୍ଗଷ୍ଟରଙ୍କ ସମ୍ପୃକ୍ତି ରହୁଛି। ତେଣୁ ଏଥିରେ କେହି ବି ହସ୍ତକ୍ଷେପ କରିବାକୁ ସାହସ କରୁନାହାନ୍ତି। ମାତ୍ର ଏହା ନଦୀର ଜୈବବିବିଧତାକୁ ନଷ୍ଟ କରିବା ସହିତ ନଦୀର ଗତିପଥରେ ପରିବର୍ତ୍ତନ ଆଣିବାର ଆଶଙ୍କା ସୃଷ୍ଟି କରୁଛି।

ବୁଧବାର କଟକ ସଦର ତହସିଲର ପ୍ରତାପନଗରୀ ବାଲିଘାଟରୁ କାଗଜପତ୍ର ଜାଲିଆତି କରାଯାଇ ବାଲି ଚୋରି କରାଯାଉଥିଲା। ସଦର ତହସିଲଦାର ସସ୍ମିତ ଗଡନାୟକ ଉକ୍ତ କାଗଜପତ୍ରକୁ ଜବତ କରିବା ସହିତ ବାଲିଘାଟକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିଛନ୍ତି। ତେବେ ତହସିଲ ପକ୍ଷରୁ ଘାଟଧାରୀମାନଙ୍କୁ ଦିଆଯାଉଥିବା ୱାଇ ଫର୍ମ ମାଧ୍ୟମରେ ଏବେ ଏହି ଜାଲିଆତି କରାଯାଉଛି।

ଓଡ଼ିଶା ମାଇନର ମିନେରାଲ କନସେସନ୍ ନିୟମ ଅନୁଯାୟୀ, ବାଲି ପରିବହନ ପାଇଁ ୱାଇ ଫର୍ମ ବହି ନିଲାମଧାରୀମାନଙ୍କୁ ଦିଆଯାଇଥାଏ। ଏଥିରେ ଥିବା ରସିଦ୍‌ରେ ଘାଟରୁ ପରିବହନ କରୁଥିବା ଗାଡ଼ିରେ କେତେ ପରିମାଣର ବାଲି ଚାଲାଣ ହେଲା, ତାହା ଉଲ୍ଲେଖ ରହିଥାଏ। ରସିଦରେ ମଧ୍ୟ ବାଲି ଲୋଡ୍ ହେବାର ସମୟ ଓ ତାରିଖ ଉଲ୍ଲେଖ ରହିଥାଏ। ବାଟରେ ଯଦି ପୋଲିସ କିମ୍ବା ଜିଲା ପ୍ରଶାସନ ଗାଡ଼ିକୁ ଅଟକାଇ ଯାଞ୍ଚ କରନ୍ତି ତେବେ ଡ୍ରାଇଭର ଉକ୍ତ ଫର୍ମକୁ ଦେଖାଇ ଗାଡ଼ିରେ ଚାଲାଣ ହେଉଥିବା ବାଲି ବୈଧ ବୋଲି ସାବ୍ୟସ୍ତ କରିଥାନ୍ତି। ପ୍ରତି ୩ ମାସରେ ଥରେ ଲିଜ୍‌ଧାରୀ ଉକ୍ତ ବହିକୁ ତହସିଲ ପ୍ରଶାସନ ନିକଟରେ ଦାଖଲ କରିଥାନ୍ତି। ଘାଟଧାରୀଙ୍କୁ ଲିଜ୍ ଦିଆଯିବା ସମୟରେ ସେ କେତେ ବାଲି ଉଠାଇବେ ବୋଲି ଲିଜ୍‌ରେ ସର୍ତ୍ତାବଳୀ ରହିଥାଏ। ଉକ୍ତ ୱାଇ ଫର୍ମ ବହିରୁ ତା'ର ହିସାବ କରାଯାଇଥାଏ। ଯେହେତୁ ଗତ ୬ ମାସ ହେବ ବାଲି ଯାଞ୍ଚ କରାଯାଉନାହିଁ ତାହାର ଫାଇଦା ନେଇ ଘାଟଧାରୀମାନେ ଫାଙ୍କା ରସିଦ୍ (ବ୍ଲାଙ୍କ ରିସିପ୍ଟ) ଡ୍ରାଇଭରଙ୍କୁ ଧରାଇ ଦେଉଛନ୍ତି। ଗୋଟିଏ ରସିଦକୁ ପକେଟରେ ପୂରାଇ ଡ୍ରାଇଭରମାନେ ମାସାଧିକ କାଳ ବାଲି ପରିବହନ କରୁଛନ୍ତି। ଫଳରେ ଘାଟରୁ ଲିଜ୍‌ଧାରୀଙ୍କୁ ଯେତିକି ପରିମାଣର ବାଲି ଉଠାଇବା ପାଇଁ ଅନୁମତି ମିଳିଥାଏ, ତାହାର ୧୦ ଗୁଣା ବାଲି ସେ ଉଠାଇଥାନ୍ତି।

ଉଦାହରଣ ଭାବେ ବାରଙ୍ଗ ତହସିଲ ଅଧୀନ କାଠଯୋଡ଼ି ନଦୀରୁ ଜଣେ ଲିଜ୍‌ଧାରୀଙ୍କୁ ବାଲି ଉଠାଇବା ପାଇଁ ଅନୁମତି ମିଳିଥିଲା। ସେ ବାଲି ଉଠାଇ ଉଠାଇ ନିଜର ତହସିଲ ସୀମା ପାର କରି ସଦର ତହସିଲ ଇଲାକାରୁ ବାଲି ଉତ୍ତୋଳନ କରିଥିଲେ। ତତ୍କାଳୀନ ସଦର ତହସିଲଦାର ସଞ୍ଜୀବିତା ରାୟ ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଉପରେ ୩୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଥିଲେ। ଲିଜ୍‌ଧାରୀ ଜଣକ ଉକ୍ତ ଜରିମାନା ପଇଠ ନ କରି ପୁନର୍ବାର ବାଲି ଉତ୍ତୋଳନ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ତହସିଲରୁ ଫର୍ମ ୱାଇ ବହି ନେଇ କେତେଜଣ ନିଲାମଧାରୀ ତହସିଲକୁ ଆଉ ଫେରସ୍ତ ଦେଇନାହାନ୍ତି। ଏହିପରି ଭାବେ ୨୦୧୮-୧୯ରେ ସଦର ତହସିଲ ଅଧୀନ ସୁବର୍ଣ୍ଣପୁର ବାଲିଘାଟରୁ ୪ଟି ରସିଦ ବହି ଫେରି ନ ଥିବା ତତ୍କାଳୀନ ତହସିଲଦାର ସଞ୍ଜୟ ପ୍ରତିହାରୀ ପ୍ରଶାସନକୁ ଅବଗତ କରାଇଛନ୍ତି।

ନରଶପୁର ଓ ମୁଣ୍ଡମୁହାଣ ବାଲିଘାଟରୁ ବିନା ଫର୍ମ ୱାଇରେ ବାଲିଚାଲାଣ ହେଉଥିବା ନେଇ କିଛିଦିନ ତଳେ ଅଭିଯୋଗ ହୋଇଥିଲା। ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ବିଭୂତି ଭୂଷଣ ଦାସ ଏକ ଭିଡିଓ କନଫରେନ୍ସିରେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ଏହାପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପୂର୍ବବତ ବାଲି ଚାଲାଣ ଫର୍ମ ୱାଇ ବିନା ଜାରି ରହିଛି। ଏହି ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ଉପଖଣ୍ଡ ସ୍ତରରେ ଏକ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ମାତ୍ର ଗତ ସାଧାରଣ ନିର୍ବାଚନ ପରଠାରୁ ଏହି ସ୍କ୍ୱାଡ୍ ଗୋଟିଏ ଥର ବି ଯାଞ୍ଚ କାର୍ଯ୍ୟ କରିନାହିଁ। ଏ ସମ୍ପର୍କରେ ସ୍କ୍ୱାଡ୍ ଦାୟିତ୍ୱରେ ଥିବା କଟକ ସଦର ସହକାରୀ ଉପଜିଲାପାଳ କ୍ଷେତ୍ରମୋହନ ସ୍ୱାଇଁ କୁହନ୍ତି, ନିର୍ବାଚନ ପରେ ଫନୀ ବାତ୍ୟା କାମରେ ବ୍ୟସ୍ତ ରହିବାକୁ ପଡ଼ିଥିଲା। ଏବେ ସ୍କ୍ୱାଡ୍ ପୁନର୍ବାର ନିଜର କାର୍ଯ୍ୟକ୍ରମ ଆରମ୍ଭ କରିବ। ଅନ୍ୟପକ୍ଷରେ ବାଲି ଚୋରି ସମ୍ପର୍କରେ ଜାଣିବା ପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ପୁରୀ ମଙ୍ଗୁମଠ ଭଙ୍ଗାଯିବା ପୂର୍ବ ଓ ପରେ ଶ୍ରୀମନ୍ଦିରର ଦୃଶ୍ୟ।

# ସାବରମତି ରିଭରଫ୍ରଣ୍ଟ ଢାଞ୍ଚାରେ ହେବ ମହାନଦୀ ପଠାର ବିକାଶ

■ ପ୍ରକଳ୍ପର ନାମ ବର୍‌ଫି
■ ୪୦୦ ଏକର ଜମିରେ ବହୁମୁଖୀ ଯୋଜନା

**କଟକ ଅଫିସ, ୧୩।୧୨**

କଟକରେ ଦେଖିବାକୁ ମିଳିବ ଗୁଜରାଟର ସାବରମତି ରିଭରଫ୍ରଣ୍ଟ ଭଳି ପ୍ରକଳ୍ପ। ବାଲିଯାତ୍ରା ତଳପଡ଼ିଆରୁ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ସାମ୍ନା ପର୍ଯ୍ୟନ୍ତ ମହାନଦୀ ପଠାର ୪୦୦ ଏକର ପରିମିତ ଜାଗାକୁ ଚିହ୍ନଟ କରାଯାଇଛି। ଏଠାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଏସ୍‌ସିବିର ଦ୍ୱିତୀୟ କ୍ୟାମ୍ପସ, ବୋସ ଇଞ୍ଜିନିୟରିଂ ସ୍କୁଲର ସମ୍ପ୍ରସାରଣ, ପଞ୍ଚତାରକା ହୋଟେଲ ନିର୍ମାଣ ସହ ସରକାରୀ କାର୍ଯ୍ୟାଳୟମାନ ମଧ୍ୟ ସ୍ଥାନାନ୍ତର କରାଯିବ। ଏହି ପ୍ରକଳ୍ପର ନାମ ବାଲିଯାତ୍ରା ରିଭରଫ୍ରଣ୍ଟ ଇମ୍ପ୍ରୁଭମେଣ୍ଟ ପ୍ରୋଜେକ୍ଟ (ବର୍‌ଫି) ରଖାଯାଇଛି। ଶୁକ୍ରବାର ମନ୍ତ୍ରୀ ପ୍ରତାପ ଜେନା କଟକ ଗସ୍ତରେ ଆସି ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିବା ସହ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ଏହି ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରିବା ସହିତ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକାରିତା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶଥାଉ କି, କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖ ବାଲିଯାତ୍ରା ପାର୍ଶ୍ୱ ମହାନଦୀ ପଠାରୁ ୧୦୦ ଫୁଟ ଚଉଡା ୩.୫ କି.ମି. ପରିଧି ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖ ପର୍ଯ୍ୟନ୍ତ ଅଞ୍ଚଳକୁ ବାଲିରେ ପୋତାଯାଇ ବୃକ୍ଷରୋପଣ, ଚଲାପଥ, ବସିବା ପାଇଁ ସିମେଣ୍ଟ ବେଞ୍ଚ ଆଦି ନିର୍ମାଣ କରାଯିବ। ସେହିପରି ଏହି ପ୍ରକଳ୍ପ ସହିତ ରିଂରୋଡକୁ ସଂଯୋଗ କରାଯାଇ ବାଇପାସ ରୋଡ ନିର୍ମାଣ କରାଯିବ। ବାଇପାସ ରୋଡ ନିର୍ମାଣ ହେବା ଯୋଗୁ ବାଲିଯାତ୍ରା ସମୟରେ ହେଉଥିବା ଭିଡ଼କୁ ରୋକି ହେବ ବୋଲି ଜିଲାପାଳ ଚୟନୀ କହିଛନ୍ତି। ଏହି ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ରାଜସ୍ୱ, ଜଳ ସମ୍ପଦ, ପୂର୍ତ୍ତ, ଗୃହ ନଗର ଉନ୍ନୟନ, କ୍ରୀଡା, ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗ ସହଯୋଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଦ୍ୱାରା କରାଯିବ। ଏହି ପ୍ରକଳ୍ପ ଫଳରେ କଟକ ସହରବାସୀ ବହୁ ଉପକୃତ ହେବା ସହ ସମଗ୍ର ଜିଲାର ବହୁ ଉନ୍ନତି ହେବ ବୋଲି ମନ୍ତ୍ରୀ ଜେନା କହିଛନ୍ତି । ତେବେ ଏହି ପ୍ରକଳ୍ପକୁ ନେଇ ଏବେ ପରିବେଶଜନିତ ପ୍ରଶ୍ନ ଉଠିଛି। ଅତୀତରେ ବାଲିଯାତ୍ରା ଦ୍ୱାରା ମହାନଦୀର ଜୈବ ବିବିଧତା ନଷ୍ଟ ହେଉଥିବା ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ବାଲିଯାତ୍ରା କରିବା ପାଇଁ ଏନ୍‌ଜିଟିଙ୍କ ପକ୍ଷରୁ ଏକ ମାର୍ଗଦର୍ଶିକା ଜିଲା ପ୍ରଶାସନକୁ ଦିଆଯାଇଥିଲା। ଏବେ ମହାନଦୀ ପଠାରେ ଏହି ବୃହତ୍ ପ୍ରକଳ୍ପ ନଦୀର ଜୈବ ବିବିଧତାକୁ ପ୍ରଭାବିତ କରିବ କି ବୋଲି ପ୍ରଶ୍ନରେ ସେଥିପ୍ରତି ଧ୍ୟାନ ଦିଆଯାଇଥିବା ଜିଲାପାଳ ଚୟନୀ କହିଛନ୍ତି। ବାରବାଟୀରେ ଅନେକ ସମୟରେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେଉଛି। ମାତ୍ର ଖେଳାଳିମାନେ ରହିବା ପାଇଁ ଏଠାରେ ପଞ୍ଚତାରକା ହୋଟେଲ ସୁବିଧା ନାହିଁ। ସେହିପରି ସହରରେ ଗୋଟିଏ ରିକ୍ରିଏସନ ହବ୍ ମଧ୍ୟ ନାହିଁ। ଏବେ ବର୍‌ଫି ଏହି ସମସ୍ତ ଅଭାବ ଅସୁବିଧାକୁ ପୂରଣ କରିବା ସହିତ କଟକର ଗରିମାକୁ ବୃଦ୍ଧି କରିବ ବୋଲି ଜିଲାପାଳ କହିଛନ୍ତି। ବାଲିଯାତ୍ରା ସହିତ କଟକର ସମ୍ପର୍କ ରହିଛି। ତେଣୁ ଉକ୍ତ ପ୍ରକଳ୍ପର ନାମକୁ ବାଲିଯାତ୍ରା ସହିତ ଯୋଡାଯାଇଥିବା ସେ ସୂଚନା ଦେଇଛନ୍ତି।


ମନ୍ତ୍ରୀ ପ୍ରତାପ ଜେନା ପ୍ରକଳ୍ପ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

# ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଚୂଡ଼ାନ୍ତ

**ପୁରୀ ଅଫିସ, ୧୩।୧୨**

ଆସନ୍ତା ୧୬ ତାରିଖ ରବିବାର ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ଆଲୋଚନା କରାଯାଇ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଛି। ଡିସେମ୍ବର ୧୬ରୁ ଆରମ୍ଭ ହୋଇ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୩ଟାରେ ଦ୍ୱାର ଫିଟାଯିବ। ଭିତରଶୋଧ ପରେ ରାତି ୩ଟା ୪୫ରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୮ଟା ୪୫ରୁ ୧୦ଟା ୩୦ ମଧ୍ୟରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ରାତ୍ର ୧୧ଟାରେ ରାତ୍ର ପହୁଡ଼ ନୀତି ସମ୍ପନ୍ନ ହେବ। ସେହିପରି ଆସନ୍ତା ୨୬ ତାରିଖରେ ପଡୁଥିବା ଖଣ୍ଡଗ୍ରାସ କେତୁ ଗ୍ରସ୍ତ ସୂର୍ଯ୍ୟୋପରାଗ ସଂକ୍ରାନ୍ତରେ ଆଲୋଚନା କରାଯାଇ ଏହାର ସ୍ୱତନ୍ତ୍ର ନୀତି ମଧ୍ୟ ନିର୍ଘଣ୍ଟ ହୋଇଛି।

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବଳୱନ୍ତ ସିଂ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ନୀତିକୁ କିପରି ଶୃଙ୍ଖଳିତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ପହିଲି ଭୋଗ ସମୟରେ ଗୋଟିଏ ଦିନ ଅର୍ଥାତ୍ ଡିସେମ୍ବର ୩୧ ତାରିଖରେ ପହୁଡ଼ ଓ ଦ୍ୱାରଫିଟା ନୀତିରେ ସାମାନ୍ୟ ପରିବର୍ତ୍ତନ ହେବ। ଏହା ପରଦିନ ନୂଆବର୍ଷ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବେ। ତେଣୁ ଦର୍ଶନ ଏବଂ ନୀତିକୁ ଶୃଙ୍ଖଳିତ କରିବା ଲାଗି ସଅଳ ପହୁଡ଼ ଏବଂ ଦ୍ୱାରଫିଟାଇବାକୁ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ଜାନୁୟାରୀ ୧୫ ତାରିଖ ମକର ସଂକ୍ରାନ୍ତି ନୀତି ସଂକ୍ରାନ୍ତରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିପରି ଆସନ୍ତା ୨୬ ତାରିଖରେ ସୂର୍ଯ୍ୟୋପରାଗ ପଡୁଛି। ଏଥିପାଇଁ ୨୫ ତାରିଖ ରାତ୍ର ୮ଘଣ୍ଟା ୨୦ ମିନିଟ୍‌ରୁ ପାକତ୍ୟାଗ, ଅନ୍ନଭୋଜନ ଓ ଦେବନୀତି ନିଷେଧ ରହିବ। ୨୬ ତାରିଖ ପରାଗ ସ୍ପର୍ଶ ପରେ ସକାଳ ୮ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡ ପରେ ପରାଗ ମହାସ୍ନାନ ହୋଇ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତି ଆରମ୍ଭ ହେବ ବୋଲି ବୈଠକରେ ଆଲୋଚନା ହୋଇଛି।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଭିତରଚ୍ଛ ଭବାନୀଶଙ୍କର ମହାପାତ୍ର, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଅନନ୍ତ ତିଆଡି, ମାଧବ ମହାପାତ୍ର, ତଳୁଛ ନୀଳକଣ୍ଠ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ୍ ଲାଇନରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୧୩।୧୨:** ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଖୋର୍ଦ୍ଧା ବଲାଙ୍ଗୀର ରେଳପଥର ଶରଧାପୁର ଅଞ୍ଚଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଶାହାଜାହାନ ଖାନ(୧୭)। ଘର ଶରଧାପୁର ଗାଁରେ। ବାଘମାରୀ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପମୃତ୍ୟୁ ମାମଲା (୬/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ଶାହାଜାହାନ ଗୁରୁବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ଟେର ମିଳି ନ ଥିଲା। ତେବେ ଶୁକ୍ରବାର ରେଳ ଲାଇନରେ ମୃତଦେହ ଦେଖିବା ପରେ ତାହା ଶାହାଜାହାନଙ୍କର ବୋଲି ଜଣାପଡିଥିଲା।

## ରେଲୱେ କ୍ୱାର୍ଟର୍ସରୁ ଚୋରି

**ଜଟଣୀ,୧୩।୧୨(ଡି.ଏନ.ଏ):** ଜଟଣୀ ଥାନା ଟ୍ରାଫିକ୍ କଲୋନୀ ଅଞ୍ଚଳରେ ଜଣେ ରେଲୱେ କର୍ମଚାରୀଙ୍କ କ୍ୱାର୍ଟର୍ସରୁ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହା ଘଟିଛି। ଏହି କ୍ୱାର୍ଟର୍ସରେ ରହୁଥିବା ମହିଳା ରେଳ କର୍ମଚାରୀ ସୁନୀତା ପରିଡା କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ସୁଯୋଗରେ ଦୁର୍ବୃତ୍ତମାନେ କବାଟ ତାଲା ତାଡ଼ି ଏହି ଚୋରି କରିଛନ୍ତି। କୋଠରି ମଧ୍ୟରେ ଆଲମିରା ଭାଙ୍ଗି ଟଙ୍କା ନେଇ ଯାଇଥିବା ସୁନୀତା ଥାନାରେ ଅଭିଯୋଗ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କଟକ ଡବଲ ମର୍ଡର
# ପୋଲିସ ସନ୍ଦେହରେ ପରିଚିତ ବ୍ୟକ୍ତି


ହତ୍ୟାକାଣ୍ଡ ଘଟିଥିବା ଘର ସମ୍ମୁଖରେ ଲୋକଙ୍କ ଗହଳି।

**କଟକ ଅଫିସ, ୧୩।୧୨**

ମଧୁପାଟଣା ଥାନା ଅନ୍ତର୍ଗତ ବେଲେଶ୍ୱର ନ୍ୟୁ କଲୋନୀରେ ଗୁରୁବାର ରାତିରେ ବୃଦ୍ଧ ଦମ୍ପତି ଶ୍ରୀନାଥ ସାମଲ(୭୦) ଓ ବିଦ୍ୟୁଲତା ସାମଲ(୬୫)ଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରାଯାଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ କେତେଜଣ ପରିଚିତ ଓ ପଡ଼ୋଶୀଙ୍କୁ ଡାକି ପଚରାଉଚରା କରିଛି। ପ୍ରଥମେ ଲୁଟ୍ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିଲା। ହେଲେ ଦମ୍ପତି ପିନ୍ଧିଥିବା ସୁନା ଗହଣା ଓ ଆଲମିରାରେ ଥିବା ଟଙ୍କା ସୁରକ୍ଷିତ ଥିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ତେଣୁ ପୂର୍ବଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ଓ ଏଥିରେ କୌଣସି ପରିଚିତ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଛି। ସେହିପରି ଯାଜପୁରରେ ଥିବା ତାଙ୍କ ପୈତୃକ ସମ୍ପତ୍ତିକୁ ନେଇ ବିବାଦ ରହିଥିବା କୁହାଯାଉଛି। ଏହା ମଧ୍ୟ ତଦନ୍ତର ଅନ୍ୟ ଏକ ଦିଗ ବୋଲି ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ସୁରାକ ଖୋଜିଥିଲା। କିଛି ପ୍ରମାଣ ହସ୍ତଗତ ହୋଇଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ପୋଲିସ ତାହା ଜଣାଉନାହିଁ।

## ଘର ସାମ୍ନାରେ ୨ ହଳ ଜୋତା



ମୃତ ଦମ୍ପତିଙ୍କ ଘର ସାମ୍ନାରେ ୨ ହଳ ଜୋତା ପଡ଼ିଥିଲା। ସେଥିରୁ ଗୋଟିଏ ହଳ ଜଣେ ମହିଳାଙ୍କର ଓ ଅନ୍ୟଟି ଜଣେ ପୁରୁଷଙ୍କର। ମୃତ ଦମ୍ପତିଙ୍କ ଝିଅ ଇତିସ୍ମିତା ସାମଲଙ୍କ କହିବା ଅନୁସାରେ ଉକ୍ତ ଜୋତା ତାଙ୍କ ମା, ବାପାଙ୍କର ନୁହେଁ। ତେଣୁ ତାହା ହତ୍ୟାକାରୀଙ୍କ ହୋଇଥାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ଜୋତାକୁ ଜବତ କରିଛି।

## ମିଳିଲା ରକ୍ତଭିଜା କଟୁରି, ପନିକି ଓ ଠେଙ୍ଗା

ପୋଲିସ ମୃତ ଦମ୍ପତିଙ୍କ ଘରୁ ଗୋଟିଏ ରକ୍ତ ଭିଜା କଟୁରି, ପନିକି, ଠେଙ୍ଗା, ଗାମୁଛା ଆଦି ଜବତ କରିଛି। ଏହି ସବୁ ସାମଗ୍ରୀକୁ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଛି। ଦମ୍ପତିଙ୍କ ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ରହିଥିବା ଦେଖିବାକୁ ମିଳିଛି। ଯେଉଁଥିରୁ ସେମାନଙ୍କୁ ଏକାଧିକ ବାର ଆକ୍ରମଣ କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଏସ୍‌ସିବି ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଘରେ ଏକା ରହୁଥିଲେ ଦମ୍ପତି

ଶ୍ରୀନାଥ ଏଫ୍‌ସିଆଇର ଜଣେ ଅବସରପ୍ରାପ୍ତ ଉଚ୍ଚପଦସ୍ଥ ଅଫିସର। ତାଙ୍କର ୫ଜଣ ସନ୍ତାନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟେ ପୁଅ ଓ ୪ଜଣ ଝିଅ। ୪ଝିଅଙ୍କର ବାହାଘର ସରିଥିବା ବେଳେ ପୁଅ ଚେନ୍ନାଇରେ ରହୁଛନ୍ତି। ତେବେ ଚାକିରିରୁ ଅବସର ପରେ ଘରେ କେବଳ ଏହି ଦମ୍ପତି ହିଁ ରହୁଥିଲେ। ତାଙ୍କ ପୁତୁରା ମଝିରେ ମଝିରେ ସେମାନଙ୍କ କଥା ବୁଝିବାକୁ ଆସୁଥିଲେ। ଏମାନଙ୍କ ଘରର ଉଭୟ ପାର୍ଶ୍ୱରେ କୌଣସି ଘର ନ ଥିବାବେଳେ ପଛପଟରେ ଏକ ଦୁଇ ମହଲା କୋଠା ରହିଛି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି ଦମ୍ପତି କେବେ ଅପରିଚିତ ବ୍ୟକ୍ତିଙ୍କୁ ଘରେ ପ୍ରବେଶ କରିବାକୁ ଦେଉ ନ ଥିଲେ। ରାତି ୯ଟା ପରେ ସେମାନେ ବାହାରକୁ ବାହାରିବା ପ୍ରାୟତଃ କେବେ କେହି ଦେଖିନାହାନ୍ତି।

## ସୁଧରେ ଲାଗିଛି ଲକ୍ଷାଧିକ ଟଙ୍କା

୧୦ବର୍ଷ ତଳେ ଶ୍ରୀନାଥ ଚାକିରିରୁ ଅବସର ନେବା ପରେ ଏଠାରେ ରହି ଆସୁଥିଲେ। ତେବେ ଚାକିରିରୁ ମିଳିଥିବା ଲକ୍ଷାଧିକ ଟଙ୍କାକୁ ଶ୍ରୀନାଥ ସୁଧ ଆକାରରେ ଦେଇଥିବା କୁହାଯାଉଛି। ଏପରିକି ଜଣେ ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ସୁଧରେ ନେଇଛନ୍ତି। ସୁଧ ଟଙ୍କାକୁ ନେଇ ତାଙ୍କ ଘର ସାମ୍ନାରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହୁଏ ବୋଲି ପଡ଼ୋଶୀମାନେ କହିଛନ୍ତି। ହତ୍ୟା ଘଟଣା ପଛରେ ସୁଧ ବେପାର ବି ଅନ୍ୟ ଏକ କାରଣ ହୋଇଥାଏ ପାରେ ବୋଲି ପୋଲିସ ଆଶଙ୍କା କରୁଛି।

## ସନ୍ଦେହ ଘେରରେ ଭଡ଼ାଟିଆ

ଶ୍ରୀନାଥଙ୍କ ଘରେ ନୟାଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ଭଡ଼ାରେ ରହୁଥିଲେ। ୧୦ ଦିନ ପୂର୍ବରୁ ସେ ଘର ଛାଡ଼ିଥିଲେ। ଘରେ ଭଡାରେ ରହିବା ଭିତରେ ସେ ଉକ୍ତ ଦମ୍ପତିଙ୍କର ପ୍ରିୟଭାଜନ ହୋଇଥିଲେ। ତେବେ ସେ ଏବେ ପୋଲିସ ସନ୍ଦେହ ଘେରକୁ ଆସିଛନ୍ତି।

## ନ୍ୟୁ କଲୋନୀରେ ଶୋକାକୁଳ ପରିବେଶ

ଗୁରୁବାର ରାତିରେ ଏହି ଦମ୍ପତିଙ୍କ ହତ୍ୟା ଘଟିଥିବାବେଳେ ଶୁକ୍ରବାର ଏମାନଙ୍କର ୪ଝିଅ ଓ ପୁଅ ପହଞ୍ଚିଥିଲେ। ଏହାପରେ ନ୍ୟୁ କଲୋନୀରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଝିଅମାନଙ୍କ କୋହଭରା କ୍ରନ୍ଦନ ସ୍ଥାନୀୟ ଲୋକଙ୍କୁ ମ୍ରିୟମାଣ କରିଦେଇଥିଲା।





ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।

-ଗୌତମବୁଦ୍ଧ



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୧୩। ୧୨ (ଡି.ଏନ.ଏ.)-** ଧଉଳି ଥାନା ଅଧୀନ ଲିଙ୍ଗିପୁର ଅଞ୍ଚଳରେ ଭଡାରେ ରହୁଥିବା ଚନ୍ଦନପୁରର ମିନତି ମିଶ୍ର(୪୯) ପଙ୍ଖାରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ପାରିବାରିକ କଳହରୁ ମିନତି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯/୧୯) ରୁଜୁ ହୋଇଛି।

### ଦାଦାବଟି ପାଇଁ ଆତଙ୍କ ଖେଳାଇଲେ ଯୁବକ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ଡମଣା ଛକରେ ଶୁକ୍ରବାର ଦାଦାବଟି ପାଇଁ ଆତଙ୍କ ଖେଳାଇଛନ୍ତି ଜଣେ ଯୁବକ। ସାଗର ପରିଡ଼ା ନାମକ ଏହି ଯୁବକ ସେଠାକାର ଏକ ମଦ ଦୋକାନକୁ ଯାଇ କର୍ମଚାରୀଙ୍କୁ ଦାଦାବଟି ମାଗିଥିଲେ। ସେମାନେ ମନା କରିବାରୁ ସାଗର ସେମାନଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏପରି କି ମଦବୋତଲ ଭାଙ୍ଗି ଦୋକାନ ଭିତରକୁ ଫିଙ୍ଗିଥିଲେ। ଏଥିଯୋଗୁ ମଦ ଦୋକାନର କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ପୋଲିସ ପହଞ୍ଚି ସାଗରଙ୍କୁ କାବୁ କରି ଥାନାକୁ ଆଣି ଅଟକ ରଖିଛି। ତାଙ୍କ ନାମରେ ଏକାଧିକ ମାମଲା ରହିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଡମଣା ଅଞ୍ଚଳରେ ସାଗର ରହି ଦାଦାଗିରି କରୁଥିଲେ। ସ୍ଥାନୀୟ ଦୋକାନୀଙ୍କୁ ଧମକାଇ ବଟି ମାଗୁଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟାରେ ଡମଣା ଛକରେ ଥିବା ଏକ ମଦ ଦୋକାନକୁ ଯାଇ ଦାଦାବଟି ମାଗିଥିଲେ। ବଟି ନ ଦେଲେ ମଧ ମଦ ଦିଅ ବୋଲି କହିଥିଲେ। ଦୋକାନରେ ଥିବା କର୍ମଚାରୀ ମନା କରିବାରୁ ସେ ଗଣ୍ଡଗୋଳ କରିବା ସହ ମଦ ବୋତଲ ଭାଙ୍ଗି ଫିଙ୍ଗିଥିଲେ। ଫଳରେ ଦୋକାନର କର୍ମଚାରୀମାନେ ପୋଲିସକୁ ଫୋନ୍ କରିଥିଲେ।

### ସର୍ଭିସ ରୋଡ ମରାମତି, ଅଣ୍ଡରପାସ୍ ଆଲୋକୀକରଣକୁ ଗୁରୁତ୍ୱ

**କଟକ ଅଫିସ,୧୩।୧୨:** କଟକ-ଭୁବନେଶ୍ୱର ମଧ୍ୟରେ ଥିବା ସର୍ଭିସ ରୋଡଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ସମସ୍ତ ଅଣ୍ଡର ପାସ୍‌ଗୁଡ଼ିକୁ ଆଲୋକୀକରଣ କରାଯିବ। ଶୁକ୍ରବାର ଟ୍ରାଫିକ ପରିଚାଳନା କମିଟି ବୈଠକରେ ୧୩ ସୂତ୍ରୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଟ୍ରାଫିକ ଏସିପିଙ୍କ ସହାୟତାରେ ସିଏମ୍‌ସି ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯିବ। ଭେଣ୍ଡିଂ ଜୋନଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଦିଗରେ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବେଆଇନ ହୋର୍ଡିଂଗୁଡ଼ିକ ହଟାଇବା ଦିଗରେ ସିଏମ୍‌ସିକୁ ତତ୍ପର ହେବାକୁ କୁହାଯାଇଛି। ଅଟୋ ରିକ୍ସା ପାର୍କିଂ ସ୍ଥଳଗୁଡ଼ିକ ବିକାଶ କରାଯାଇ ତାହାକୁ କାର୍ଯ୍ୟକ୍ଷମ କରାଯିବ। ବାଦାମବାଡ଼ିରୁ ଲିଙ୍କରୋଡ ରାସ୍ତାରେ ଚାଲିଥିବା ଜାଇକା କାମକୁ ୧ ମାସ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଟ୍ରାଫିକ ଉଲ୍ଲଂଘନକାରୀଙ୍କ ବିରୋଧରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଜୋରଦାର କରାଯିବ। ଲିଭି ଯାଇଥିବା ଜେବ୍ରା କ୍ରସିଂଗୁଡ଼ିକୁ ପୁନର୍ବାର ରଙ୍ଗ ଦେବା ସହ ଟ୍ରାଫିକ ସୂଚନା ଫଳକଗୁଡ଼ିକୁ ଲଗାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ଅଖିଳେଶ୍ୱର ସିଂ, ଟ୍ରାଫିକ ଏସିପି ଯତୀନ ପଣ୍ଡାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

### ଜୟଦେବ ଠିକାଦାର ସଂଘର ବୈଠକ

**ବାଲିଅନ୍ତା,୧୩।୧୨(ଡି.ଏନ.ଏ.)-** ଜୟଦେବ ଠିକାଦାର ସଂଘର ଦ୍ୱିତୀୟ ବୈଠକ ଶୁକ୍ରବାର ବାଲିଅନ୍ତା ବ୍ଲକର ସୁଦର୍ଶନ ଦାରୁପୀଠରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ କାର୍ଯ୍ୟକରୁଥିବା ୫୦ରୁ ଊର୍ଦ୍ଧ୍ୱ ଠିକାଦାର ଯୋଗଦେଇ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟତଃ ରାଜ୍ୟ ସଙ୍ଗଠନରେ ଜୟଦେବ ଠିକାଦାର ସଂଘର ଯୋଗଦାନ, ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ କମରେ ଟେଣ୍ଡର ପକାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଠିକାଦାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଚିଠାକୁ ମିଳିମିଶି କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ ପାଇଥିଲା।

# ଏକାମ୍ର କ୍ଷେତ୍ରରେ ବିରୋଧ ସତ୍ତ୍ୱେ ଉଚ୍ଛେଦ ଜାରି







ବୁଲ୍‌ଡୋଜର ଦ୍ୱାରା ବେଆଇନ ଭାବେ ଏକ ମନ୍ଦିର ଓ ଦୋକାନକୁ ଉଚ୍ଛେଦ କରାଯାଉଛି।

### ବ୍ୟାଖ୍ୟାୟନ କେନ୍ଦ୍ର ଉଚ୍ଛେଦ ପର୍ଯ୍ୟଟନ ବିଭାଗ କିମ୍ବା ଓଟିଡିସି ଜାଣିନାହିଁ

ରାଜ୍ୟ ସରକାରଙ୍କ ଶ୍ରୀଲିଙ୍ଗରାଜ କ୍ଷେତ୍ରକୁ ବିଶ୍ୱ ଐତିହ୍ୟ ମାନ୍ୟତା ଦେବାକୁ ଯାଇ ବଡ ଯୋଜନାରେ ସବୁଠାରୁ ଅଧିକ ଲାଭବାନ ହେବାକୁ ଥିବା ପର୍ଯ୍ୟଟନ ବିଭାଗ କିମ୍ବା ଓଟିଡିସି ଏ ବିଷୟରେ ଅନ୍ଧାରରେ ରହିଛି। ଓଟିଡିସି ଅଧିକାରୀ ନିତୀନ ଭାନୁ ଦାସ ଜାୱଲେ କିଛି ଜାଣି ନ ଥିବା କହିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ନିର୍ମାଣାଧୀନ ବ୍ୟାଖ୍ୟାୟନ କେନ୍ଦ୍ର ଓ ଯାତ୍ରୀ ରହଣି ସ୍ଥଳଟିର କାର୍ଯ୍ୟ ଓଟିଡିସି ତଥା ପର୍ଯ୍ୟଟନ ବିଭାଗ ଅଧୀନରେ ଚାଲୁଛି। ଉଚ୍ଛେଦ ହେବାକୁ ଥିବା ବ୍ୟାଖ୍ୟାୟନ କେନ୍ଦ୍ରରେ ଏବେ ମଧ୍ୟ ଅର୍ଥ ବ୍ୟୟ କରାଯାଇ ଟାଇଲ ଓ ସେଣ୍ଟ୍ରାଲ ଏୟାର କଣ୍ଡିଶନ କାମ ଜାରି ରହିଛି। ଏ ନେଇ ଓଟିଡିସି ପରିଚାଳନା ନିର୍ଦ୍ଦେଶକ ଜାୱଲେଙ୍କୁ ପଚାରିବାରେ, କାର୍ଯ୍ୟାଳୟରେ କାମ ବ୍ୟସ୍ତତା ଯୋଗୁ ଇଞ୍ଜିନିୟରିଂ ବିଭାଗକୁ ପଚାରିବାକୁ କହିଥିଲେ। ଭୁବନେଶ୍ୱର ଦାୟିତ୍ୱରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ମହେନ୍ଦ୍ର କୁମାର ମହାନ୍ତଙ୍କୁ ପଚାରିବାରେ ବ୍ୟାଖ୍ୟାୟନ କେନ୍ଦ୍ର ଏବଂ ଯାତ୍ରୀ ବିଶ୍ରାମସ୍ଥଳ ପ୍ରାୟତଃ ୭୦ ଭାଗ କାମ ସରିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବ୍ୟାଖ୍ୟାୟନ କେନ୍ଦ୍ର ଉଚ୍ଛେଦ ନେଇ କୌଣସି ନିର୍ଦ୍ଦେଶ ଆମର ହସ୍ତଗତ ହୋଇନାହିଁ। ଏଣୁ ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଥିଲେ।

**ପୁରୁଣା ଭୁବନେଶ୍ୱର,୧୩। ୧୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ରରେ ଶୁକ୍ରବାର ବିରୋଧ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ଏକାମ୍ର ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଘୋଷଣା ଲୋକଙ୍କୁ କିଛିଟା ଆଶ୍ୱାସନା ଦେଇଛି। ଅଧିକାରୀମାନଙ୍କ ବେପରୁଆ ଭାବ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି। ଉଚ୍ଛେଦ ହେଉଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନ ମାଲିକଙ୍କୁ ପ୍ୟାକେଜ ମାଧ୍ୟମରେ ସହାୟତା ଦିଆଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ଥଇଥାନ କରାଯିବ ବୋଲି ଘୋଷଣା ହୋଇଛି। ସେହି ଅନୁଯାୟୀ ଉଚ୍ଛେଦ ସ୍ଥଳରେ ଅଧିକାରୀଙ୍କ ପକ୍ଷରୁ ବିଧିବଦ୍ଧ ଚିହ୍ନଟ ପ୍ରକ୍ରିୟା କରାଯାଉନାହିଁ। ଫଳରେ ବିଭୀଷଣେଶ୍ୱର ମନ୍ଦିର ନିକଟରେ ବ୍ୟବସାୟୀମାନେ ବିଡିଏ ଅଧିକାରୀଙ୍କୁ ଘେରି ଯାଇ ବିରୋଧ କରିଥିଲେ। ବ୍ୟବସାୟୀମାନଙ୍କ ଯୁକ୍ତି ଥିଲା ଯେ, ବର୍ଷବର୍ଷ ଧରି ବ୍ୟବସାୟ କରୁଥିବାରୁ ରାଜସ୍ୱ ରେକର୍ଡ ଅନୁଯାୟୀ ଥଇଥାନ ନ କରି ଜଣ ଜଣ କରି ଚିହ୍ନଟ କରାଯାଉ। ରାଜସ୍ୱ ରେକର୍ଡଠାରୁ ଢେର ଅଧିକ ବ୍ୟବସାୟୀ ପ୍ରତ୍ୟେକ ଜମିରେ ଦୋକାନ ଘର କରି ରହିଛନ୍ତି। ତେଣୁ ଚିଠା ପ୍ରସ୍ତୁତ କିମ୍ବା ଟୋକନ ମାଧ୍ୟମରେ ଚିହ୍ନଟ ବ୍ୟବସ୍ଥା କରି ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଛେଦ କରାଯାଉ।

### ମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖରୁ ହଟିଲା ତାରିଣୀ ମନ୍ଦିର

ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଥିବା ତାରିଣୀ ଓ ଶିବ ମନ୍ଦିର ଉଚ୍ଛେଦ କରାଯାଇଥିଲା। ହେଲେ ଠାକୁରାଣୀଙ୍କ ମୂର୍ତ୍ତି ନ କାଢି ଡ୍ରୋଜର ସାହାଯ୍ୟରେ ଭଙ୍ଗା ଯିବାରୁ ଏହାକୁ ଲୋକେ ବିରୋଧ କରିଥିଲେ। ପରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ତାରିଣୀଙ୍କ ମୂର୍ତ୍ତି କାଢି ନିଆଯିବା ପରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା।

### ପାତର ଅନ୍ତର ନେଇ ଅଭିଯୋଗ

ଶୁକ୍ରବାର କେତେଗୋଟି ଛାତଘର ଉଚ୍ଛେଦ କରାଯାଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଡ୍ରୋଜର ସାମ୍ନାରେ ଛିଡା ହୋଇ ବିରୋଧ କରିଥିଲେ। ଘଟଣାସ୍ଥଳରେ ବିଡିଏ, ବିଏମ୍‌ସି କର୍ମଚାରୀଙ୍କ ସହ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ପାତର ଅନ୍ତର କରାଯାଇ ପ୍ରଭାବଶାଳୀଙ୍କ ଗୃହ ଓ ଦୋକାନଗୁଡିକୁ ନ ଭାଙ୍ଗି ଛାଡି ଦେବା ଅଭିଯୋଗ କରିଥିଲେ। ପାପନାଶିନୀ ଚତୁଃପାର୍ଶ୍ୱ ମହକାଳ, ମହାକାଳୀ ମନ୍ଦିର ନିକଟ ନିର୍ମାଣ ସମେତ କେତେଗୋଟି ମନ୍ଦିର ପ୍ରଭାବଶାଳୀଙ୍କ ଦଖଲରୁ ପୁନରୁଦ୍ଧାର କରାଯାଇ ସାଧାରଣ ଲୋକଙ୍କ ବ୍ୟବସାୟ ପ୍ରତିଷ୍ଠାନ ଗୃହ ଉଚ୍ଛେଦ କରିବାକୁ ଅଡି ବସିଥିଲେ। ଶେଷରେ ବାଧ ହୋଇ ପୋଲିସ ବଳପୂର୍ବକ ସେମାନଙ୍କୁ ହଟାଇ ଉଚ୍ଛେଦ ଆରମ୍ଭ କରିଥିଲା।

### ପ୍ୟାକେଜ ଆଶାରେ ଅଧିକାରୀଙ୍କୁ ଭେଟିଲେ

ରକ୍ତ ଭଣ୍ଡାର ନିକଟରୁ ଉଚ୍ଛେଦ କରାଯାଇଥିବା ୬ ଦଳିତ ସଫେଇ କର୍ମଚାରୀଙ୍କ ପରିବାର ମଧ୍ୟରୁ କେତେଜଣ ଶୁକ୍ରବାର ସାହାଯ୍ୟ ଓ ଥଇଥାନ ଆଶାରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅବନୀକାନ୍ତ ପଟ୍ଟନାୟକଙ୍କୁ ଭେଟିଥିଲେ। କମିଶନରଙ୍କ ଉଦ୍ଦେଶ୍ୟରେ ଥଇଥାନ ତଥା ପ୍ୟାକେଜ ସାହାଯ୍ୟ ନେଇ କୌଣସି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଲିଖିତ ଦରଖାସ୍ତ ଦେଇଥିଲେ। ଗୁରୁବାର ଉଚ୍ଛେଦ ସମୟରେ କେବଳ ପଙ୍କଜିନୀ ନାୟକଙ୍କୁ ୧୦ ହଜାର ଟଙ୍କା ସରକାରୀ ସହାୟତା ମିଳିଥିଲା। ଅନ୍ୟମାନଙ୍କ ଚିଠା ପ୍ରସ୍ତୁତ କରା ନ ଯିବା ଓ ଥଇଥାନ କରାଯାଇ ନ ଥିବାରୁ ସେମାନେ ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପଟ୍ଟନାୟକ ଘୋଷଣା କରାଯାଇଥିବା ପ୍ୟାକେଜ ଅନୁଯାୟୀ ୬ ଦଳିତ ପରିବାରକୁ ମଧ୍ୟ ଉପଯୁକ୍ତ କ୍ଷତିପୂରଣ ତଥା ଥଇଥାନ କରାଯିବ ବୋଲି କହିଥିଲେ।

### ବେସାହାରାଙ୍କ ପାଖେ ପ୍ରଶାସନ ପ୍ୟାକେଜ ଅପହଞ୍ଚ

ପେଟକୁ ଦୁଇମୁଠା ଯୋଗାଡ଼ କରିବାକୁ ଅସମର୍ଥ ଥିବା ବ୍ୟକ୍ତିଙ୍କୁ ମଧ ଉଚ୍ଛେଦ କରାଯାଇଛି। ହେଲେ ସେମାନଙ୍କ ଥଇଥାନ କରାଯାଇ ନ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଅପହଞ୍ଚ ହୋଇଛି। ସେହିଭଳି ଉଚ୍ଛେଦ ହୋଇଥିବା ବ୍ୟାଖ୍ୟାୟନ କେନ୍ଦ୍ର କଡରେ ଖୋଲା ଆକାଶରେ ହାତଭଙ୍ଗା ଅବସ୍ଥାରେ ପଡ଼ି ରହିଥିବା ୭୫ ବର୍ଷିଆ ବୃଦ୍ଧା ପାର୍ବତୀ ପଣ୍ଡା ଏବଂ ଭିକ୍ଷା ବୃତ୍ତି କରୁଥିବା କମଳା ପାଣିଗ୍ରାହୀ ଏବଂ ତାଙ୍କ ୭୫ ବର୍ଷିୟା ବୃଦ୍ଧା ମା'ଙ୍କୁ ଉଚ୍ଛେଦ କରି ସରକାର ଥଇଥାନ କରିବାକୁ ଭୁଲି ଯାଇଛନ୍ତି।

ଆଇସିଡିଏସ୍ ବନ୍ଦ ପ୍ରସ୍ତାବକୁ ତୀବ୍ର ବିରୋଧ

# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ



**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ଜାତୀୟ ଶିକ୍ଷାନୀତି-୨୦୧୯ରେ ଆଇସିଡିଏସ୍ (ଇଣ୍ଟିଗ୍ରେଟେଡ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ)କୁ ପରୋକ୍ଷରେ ବନ୍ଦ କରାଯିବାକୁ ପ୍ରସ୍ତାବ ରହିଛି। ଯାହା ସମଗ୍ର ଦେଶର ଅଙ୍ଗନୱାଡ଼ି କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ। ଏହି ବନ୍ଦ ପ୍ରସ୍ତାବ ବିରୋଧରେ ଶୁକ୍ରବାର ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ହଜାର ହଜାର ଅଙ୍ଗନୱାଡି କର୍ମୀ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ଆଇସିଡିଏସ୍‌ର ସ୍ଥାୟୀ ପରିଚାଳନା, ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପ୍ରମୁଖ ଦାବି କରିଛି ସଂଘ। ଏ ନେଇ ପୂର୍ବରୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଶିଶୁ ଓ ଗର୍ଭବତୀ ମହିଳାଙ୍କ ପୁଷ୍ଟିହୀନତା ଦୂରୀକରଣ, ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଉନ୍ନତି ଓ ମୃତ୍ୟୁ ହାର ହ୍ରାସ କରିବାର ଦାୟିତ୍ୱ ଆଇସିଡିଏସ୍ ବହନ କରିଥାଏ। କିନ୍ତୁ ଜାତୀୟ ଶିକ୍ଷାନୀତିରେ ଏହାକୁ ବନ୍ଦ କରିଦିଆଯିବା ପ୍ରସ୍ତାବ ନିନ୍ଦନୀୟ ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ସଂଘର ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ, ସୁର ଜେନା, ମୀରାବତୀ ଦଳବେହେରା, ପ୍ରଭାସିନୀ ପାଢ଼ୀ, ମମତାଜ ଖୁଣ୍ଟିଆ, ବିଷ୍ଣୁପ୍ରିୟା ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

# 'ସ୍ୱାସ୍ଥ୍ୟ, ଶିକ୍ଷା ସାମଗ୍ରିକ ବିକାଶ ପ୍ରକ୍ରିୟାର ମୂଳଆଧାର'




କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥି।

**ନରାଜ, ୧୩।୧୨ (ଡି.ଏନ୍.ଏ.)**

ବାରଙ୍ଗ ଭାଲୁଙ୍କାସ୍ଥିତ ଶାନ୍ତିବନଠାରେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ହେଲଥଭିଲ୍(ସ୍ୱାସ୍ଥ୍ୟ ଗ୍ରାମ)ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହିଅବସରରେ ପ୍ରଫେସର ଲାଲ କହିଛନ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା ଯେକୌଣସି ରାଷ୍ଟ୍ରର ସାମଗ୍ରୀକ ବିକାଶ ପ୍ରକ୍ରିୟାର ମୂଳଆଧାର। ତେଣୁ ଉତ୍ତମ ସ୍ୱାସ୍ଥ୍ୟ ହିଁ ବୌଦ୍ଧିକ ତଥା ମାନସିକତାରେ ପରିବର୍ତ୍ତନ ଆଣିପାରିଥାଏ। ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱକୁ ଉପଲବ୍ଧି କରି ଡ. ସତ୍ୟବ୍ରତ ମିନକେତନ ଯେଉଁ ନୂତନ ପଦକ୍ଷେପ ନେଇଛନ୍ତି ତାହା ଅନନ୍ୟ ଦୃଷ୍ଟାନ୍ତ ହୋଇ ରହିବ ବୋଲି କହିଥିଲେ। ହେଲଥଭିଲ୍‌ର ଚେୟାରମ୍ୟାନ ଡ. ସତ୍ୟବ୍ରତ ମିନକେତନଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଡ. ମିନକେତନ ଯୁବପିଢିଙ୍କୁ ଏକ ସୁସ୍ଥ ନିରାମୟ ଜୀବନ ଶୈଳୀ ଆପଣେଇବା ନିମନ୍ତେ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ସ୍ୱାସ୍ଥ୍ୟ ସେବା ସହିତ ଆକ୍ୟୁପ୍ରେସର, ଡ୍ରଗଲେସ ଥେରାପି ଭଳି ସେବା ଯୋଗାଣ କ୍ଷେତ୍ରରେ ହେଲଥିଭିଲ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ସହ ଆୟୁର୍ବେଦର ଏହି ଚିକିତ୍ସା କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଡ.ମିନକେତନଙ୍କ ଦ୍ୱାରା ରଚିତ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୪ଟି ଉପାଦେୟ ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଶେଷରେ ହେଲଥିଭିଲର ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦୁମତୀ ରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡିଏମ ଶିକ୍ଷାନୁଷ୍ଠାନ ସମୂହର ସିଇଓ ସ୍ୱୟନ୍ ସତ୍ୟେନ୍ଦୁ ପରିଚାଳନା କରିଥିଲେ।

ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ



ରାଜ୍ୟସ୍ତରୀୟ ଜୟନ୍ତୀ

୧୪ ଡିସେମ୍ବର, ୨୦୧୯

ସମୟ – ସକାଳ ଘ.୮ .୩୦ମି.

ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା

ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା – **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ – **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।

-ଗୌତମବୁଦ୍ଧ



## ସଂକ୍ଷେପରେ

### ଜମି ହଡ଼ପକାରୀଙ୍କୁ ଗିରଫ ଦାବିରେ ବିକ୍ଷୋଭ

ବଡ଼ମ୍ବା,୧୩।୧୨(ଡି.ଏନ୍.ଏ.): ବଡମ୍ବା ତହସିଲ ଅନ୍ତର୍ଗତ ବୁଢାପଙ୍କ ରାଜସ୍ୱ ଗ୍ରାମର ଆଦିବାସୀଙ୍କ ଜମି ହଡ଼ପକାରୀଙ୍କୁ ଗିରଫ ଦାବି ନେଇ ଶୁକ୍ରବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ପ୍ରତିବାଦସଭା କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ହଟାଯିବାକୁ ଦାବି କରିଥିଲେ। ଏହା ସହି ସମ୍ପୃକ୍ତ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରିଥିଲେ। ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଅନିଲ କୁମାର ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ରାଷ୍ଟ୍ରୀୟ ଦଳିତ ମହାସଭା, ରାଜ୍ୟ ସଭାପତି ଅଶୋକ ମଲ୍ଲିକ, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ ରାଜ୍ୟ ସଭାପତି ସେକ୍ ଅବଦୁଲ୍ ୱାଲିଙ୍କ ସମେତ ଚନ୍ଦ୍ରକାନ୍ତି ନାଏକ, ବନ୍ଧୁ ସେଠୀ, ରବିନାରାୟଣ ସେଠୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।

### ଚୋରା ମଦ କାରବାର: ୨ ଗିରଫ

ମାହାଙ୍ଗା,୧୩।୧୨(ସ୍ୱ.ପ୍ର.): କଟକ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ମାହାଙ୍ଗା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ଚୋରାମଦ କାରବାର କରୁଥିବା ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କୁସୁପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ ଓ ଗଙ୍ଗାଧର ଗ୍ରାମର ଶରତ ଚନ୍ଦ୍ର ଦାସ। ଚଢ଼ାଉରେ ଭ୍ରାମ୍ୟମାଣ ଆଇଆଇସି ସୁଶାନ୍ତ ପାଢ଼ୀ, ଏସଆଇ ପଦ୍ମଲୋଚନ ପାଇକରାୟ ଓ ଏଏସଆଇ ମଙ୍ଗଳି ଚରଣ ମାଝି ପ୍ରମୁଖ ସାମିଲ ହୋଇଥିଲେ।

### ଖୋଲୁନି ଧାନମଣ୍ଡି, ଚିନ୍ତାରେ ଚାଷୀ

ବାଙ୍କୀ,୧୩।୧୨(ସ୍ୱ.ପ୍ର.): ବାଙ୍କୀରେ ଧାନମଣ୍ଡି ଖୋଲା ନ ଯିବାରୁ ଚାଷୀ ଚିନ୍ତିତ ହୋଇ ପଡ଼ିଛନ୍ତି। ଏବେ ସମସ୍ତ ଚାଷୀଙ୍କ ଧାନ ଘର ସାମ୍ନାରାସ୍ତା ଓ ବାରିପଟ ପଡିଆରେ ଗଦା ହୋଇ ରହିଛି। ତେବେ ଆକାଶ ମେଘାଚ୍ଛନ୍ନ ରହିଥିବାରୁ ସେମାନେ କ'ଣ କରିବେ କିଛି ଭାବି ପାରୁନାହାନ୍ତି। ଘୋଡାଇ ରଖିବା ପାଇଁ ସେମାନଙ୍କ ପାଖରେ ପାଲ ନ ଥିବାରୁ ଖୋଲା ଆକାଶ ତଳେ ଧାନ ପଡିରହିଛି। ଦଲାଲମାନେ ଏହାର ସୁଯୋଗ ନେଇ କମ୍ ଦରରେ ଧାନ କିଣିନେଉଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀ ବାଧ ହୋଇ ଅଳ୍ପ ଦରରେ ଧାନ ବିକୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସିନତା ଯୋଗୁ ଚାଷୀ ଧାନବିକ୍ରି କରି ନ ପାରି ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ବାଙ୍କୀ ସମବାୟ ସର୍କଲର ସହକାରୀ ନିବନ୍ଧକ ସରୋଜକାନ୍ତ ଜେନାଙ୍କୁ ପଚାରିବାରେ, ଧାନ କିଣିବା ପାଇଁ ସେବା ସମବାୟ ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମାତ୍ର ଟୋକନ ଏ ପର୍ଯ୍ୟନ୍ତ ଆସି ନ ଥିବାରୁ ଧାନ କିଣିବା ସମ୍ଭବ ହୋଇପାରୁନାହିଁ। ତେବେ ଦିନେ କିମ୍ବା ଦୁଇଦିନ ମଧରେ ଏହି ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଥିଲେ।

## ବିଳମ୍ବରେ ବିଦ୍ୟାଳୟକୁ ଆସିଲେ ପ୍ରଧାନଶିକ୍ଷକ

# ଦିନକର ଦରମା ବନ୍ଦ କଲେ ବିଇଓ

ମାହାଙ୍ଗା,୧୩।୧୨(ସ୍ୱ.ପ୍ର.)



ବିଦ୍ୟାଳୟକୁ ଆସିଥିବା ଦୁଇ ପିଲାଙ୍କୁ ବିଇଓ ପ୍ରାର୍ଥନା କରାଉଛନ୍ତି।



ସିଆରସିସି ବିଦ୍ୟାଳୟ ପରିସର ସଫେଇ କରୁଛନ୍ତି।

■କାରଣ ଦର୍ଶାଅ ନୋଟିସ ଜାରି
■ବିଇଓ କରାଇଲେ ପ୍ରାର୍ଥନା
■ସିଆରସିସି କଲେ ଶ୍ରେଣୀଗୃହ ସଫେଇ

ମାହାଙ୍ଗା ବ୍ଲକ ଅଧୀନ ଅକରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶୁକ୍ରବାର(ବିଇଓ) ବ୍ଲକ ଶିକ୍ଷା ଅଧିକାରୀ ଅଚାନକ ଗସ୍ତ କରିଥିଲେ। ଏହି ସମୟରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିଲେ। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାରୀ ପ୍ରାର୍ଥନା କରାଇବା ସହ ସିଆରସିସି ବିଦ୍ୟାଳୟରେ ଝାଡୁମାରି ସଫେଇ କରିଥିଲେ। ଏହାପରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ପହଞ୍ଚିବାରୁ ବିଇଓ ତାଙ୍କର ଦିନକର ଦରମା ବନ୍ଦ କରିବା ସହ ବିଳମ୍ବରେ ଆସିବାର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବିଇଓ ଚକ୍ରଧର ବେହେରାଙ୍କ ସୂଚନା ଅନୁସାରେ, ସେ ଓ ସିଆରସିସି ଭାସ୍କର ସାହୁ ଏହି ବିଦ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ସେତେବେଳକୁ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ଥିଲେ। ଜଣେ ସହକାରୀ ମହିଳା ଶିକ୍ଷୟିତ୍ରୀ ଛୁଟିରେ ଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବେହେରାଙ୍କ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ଥିବାବେଳେ ଦିବା ୧୦ଟା ୨୫ ମିନିଟ୍‌ପର୍ଯ୍ୟନ୍ତ ସେ ଆସି ନ ଥିଲେ। ସେହିପରି ୨୮ ଜଣ ପିଲାଙ୍କ ମଧ୍ୟରୁ ମାତ୍ର ୨ ଜଣ ପିଲା ଉପସ୍ଥିତ ଥିଲେ। ଯାହାକି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ବେହେରା ପ୍ରତ୍ୟହ ବିଳମ୍ବରେ ଆସୁଥିବାରୁ ଛାତ୍ରୀଛାତ୍ର ମଧ୍ୟ ବିଳମ୍ବରେ ଆସୁଥିବା ଅଭିଯୋଗ ହୋଇଥିଲା। ନିୟମ ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷକମାନେ ୯ଟା ୩୦ରେ ଉପସ୍ଥିତ ହେବା ସହ ୧୦ଟା ମଧ୍ୟରେ ପ୍ରାର୍ଥନା ଶେଷ କରି ଶିକ୍ଷାଦାନ କରିବା କଥା। କିନ୍ତୁ ଏଠାରେ ତାହାର ବ୍ୟତୀକ୍ରମ ଦେଖାଯାଇଛି। ଦିନ ୧୦ଟା ୨୫ ପରେ ପ୍ରଧାନଶିକ୍ଷକ ବେହେରା ପହଞ୍ଚି ଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବେହେରାଙ୍କୁ ପଚାରିବାରୁ ମୁଁ ପ୍ରତ୍ୟହ ବିଦ୍ୟାଳୟକୁ ଠିକ୍ ସମୟରେ ଆସେ। ଆଜି ଦିନ ୯ଟାରେ ଆସିଥିଲି। ଏକ ଫାଇଲ ଆଣିବା ପାଇଁ ନିକଟସ୍ଥ ଚାରିନଙ୍ଗଳ ଯାଇଥିଲି। ସେଠାରୁ ଫେରିବା ବେଳକୁ ଜାତୀୟ ରାଜପଥରେ ଟ୍ରାଫିକ ଜାମ ଥିବାରୁ ବିଦ୍ୟାଳୟ ଆସିବାରେ ବିଳମ୍ବ ହେଲା ବୋଲି ପ୍ରକାଶ କରିଥିଲେ।

## ବଜ୍ରକାପ୍ତା ଧରି ଛାଡ଼ି ଦେଇଥିବା ଅଭିଯୋଗ: ୨ ଗିରଫ

ତିଗିରିଆ,୧୩।୧୨(ଡି.ଏନ.ଏ.)

**ବଜ୍ରକାପ୍ତା ବିଷୟରେ ସୂଚନା ଦେଲେ ମିଳିବ ପୁରସ୍କାର**

ବଜ୍ରକାପ୍ତା ଧରି ପରେ ଛାଡ଼ି ଦେଇଥିବା ଅଭିଯୋଗରେ ତିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ପାଇକ ସାହିର ୨ଜଣଙ୍କୁ ଆଠଗଡ଼ ବନ ବିଭାଗ କର୍ମଚାରୀ କାବୁ କରିଥିଲା। ସେମାନଙ୍କୁ ଅଟକ ରଖାଯିବା ପରେ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ରାଜୁ ବେହେରା ଓ ସୁବାସ ନାଏକ। ମାତ୍ର ସେମାନେ ବଜ୍ରକାପ୍ତାକୁ ଧରିବା ପରେ ଛାଡ଼ି ଦେଇଥିବାରୁ ଯଦି କେହି ବଜ୍ରକାପ୍ତା ଦେଖିବାକୁ ପାଆନ୍ତି ତେବେ ବନ ବିଭାଗକୁ ଖବର ଦେବାକୁ ଅନୁରୋଧ କରାଯାଇଛି। ଏଥିପାଇଁ ୧୦ହଜାର ଟଙ୍କାର ପୁରସ୍କାର ରାଶି ମଧ ଘୋଷଣା କରାଯାଇଛି। ଏ ନେଇ ଏକ ପୋଷ୍ଟର ନୂଆପାଟଣା ଓ ଜେମାଦେଈପୁର ଅଞ୍ଚଳରେ ଲଗାଯାଇଛି।

ଖବର ଅନୁଯାୟୀ, ଗତ ୫ତାରିଖରେ ପାଇକସାହିଠାରେ ସନ୍ଧ୍ୟାବେଳେ କିଛିଲୋକ ତାସ୍ ଖେଳୁଥିବା ବେଳେ ଏକ ବଜ୍ରକାପ୍ତାକୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଏହି ସମୟରେ ଗ୍ରାମର ରାଜୁ ଓ ସୁବାସ ବଜ୍ରକାପ୍ତାକୁ ଧରି ଘରେ ରଖିଥିଲେ। ଏହାପରେ ବିକ୍ରି କରିବା ପାଇଁ ବେପାରୀଙ୍କ ସହିତ ଯୋଗଯୋଗ କରିଥିଲେ। ଏହି ଖବର ବନ ବିଭାଗ ନିକଟରେ ପହଞ୍ଚିଥିଲା। ଫଳରେ ବିଭାଗ ପକ୍ଷରୁ ୭ତାରିଖ ସନ୍ଧ୍ୟାରେ ପାଇକ ସାହିରେ ଚଢାଉ କରାଯାଇଥିଲା। ମାତ୍ର ଏହା ପୂର୍ବରୁ ବଜ୍ରକାପ୍ତାକୁ ରାଜୁ ନିକଟସ୍ଥ ନୂଆପାଟଣା ଚନ୍ଦନ ପୋଖରୀ ପାଖରେ ଛାଡିଦେଇ ଫେରାର ହୋଇଯାଇଥିବା ବେଳେ ସୁବାସକୁ ବନ କର୍ମଚାରୀ କାବୁ କରିଥିଲେ। ରାଜୁଙ୍କୁ ନ ପାଇ ତାଙ୍କ ମାଆଙ୍କୁ ବନ ବିଭାଗ କର୍ମଚାରୀ ଉଠାଇ ନେଇଥିଲେ। ୮ତାରିଖରେ ରାଜୁ ଆଠଗଡ ବନ ବିଭାଗ କର୍ମଚାରୀଙ୍କ ପାଖରେ ପହଞ୍ଚିଲା ପରେ ତାଙ୍କ ମାଆଙ୍କୁ ଛାଡି ଦିଆଯାଇଥିଲା। ଉଭୟ ରାଜୁ ଓ ସୁବାସକୁ ଶୁକ୍ରବାର ପର୍ଯ୍ୟନ୍ତ ଆଠଗଡ ବନବିଭାଗ କାର୍ଯ୍ୟାଳୟରେ ଅଟକ ରଖାଯାଇଥିଲା। ଅନ୍ୟପକ୍ଷରେ ତିଗିରିଆ ବନପାଳ ରାକେଶ ପ୍ରଧାନଙ୍କ ସମେତ ୧୦ଜଣ କର୍ମଚାରୀ ପ୍ରତ୍ୟେହ ପାଇକସାହି, ନୂଆପାଟଣା, ବାସୁଦେବପୁର, ଜେମାଦେଈପୁର, ବନମାଳୀପୁର ଓ ଗଦାଧରପୁର ଅଞ୍ଚଳରେ ବୁଲି ବଜ୍ରକାପ୍ତାକୁ ଖୋଜିଥିଲେ ମଧ କୌଣସି ସନ୍ଧାନ ପାଇ ନ ଥିଲେ। ଶେଷରେ ଅନ୍ୟ ଉପାୟନପାଇ ବନବିଭାଗ ବଜ୍ରକାପ୍ତା ବିଷୟରେ କୌଣସି ବ୍ୟକ୍ତି ସୂଚନା ଦେଲେ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛି। ଆଠଗଡ଼ ବନାଞ୍ଚଳ ଅଧିକାରୀ ଆଇଶା ଅଖ୍ତରି ନିଶା ପୋଷ୍ଟର ମାଧ୍ୟମରେ ଏହି ସୂଚନା ପ୍ରଦାନ କରିଛନ୍ତି। ଏଥିସହିତ ଯଦି କେହି ବଜ୍ରକାପ୍ତାକୁ ଲୁଚାଇ ରଖିବେ କିମ୍ବା ଲୁଚାଇ ରଖିବାରେ ସାହାଯ୍ୟ କରିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ସ୍ୱାସ୍ଥ୍ୟ, ଶିକ୍ଷା ସାମଗ୍ରିକ ବିକାଶ ପ୍ରକ୍ରିୟାର ମୂଳ ଆଧାର




ସ୍ୱାସ୍ଥ୍ୟ ଗ୍ରାମ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥି ଉପସ୍ଥିତ।

ନରାଜ,୧୩।୧୨ (ଡି.ଏନ.ଏ.)

**ସ୍ୱାସ୍ଥ୍ୟ ଗ୍ରାମ ଉଦ୍‌ଘାଟିତ**

ବାରଙ୍ଗ ଭାଲୁଙ୍କାସ୍ଥିତ ଶାନ୍ତିବନଠାରେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ହେଲ୍‌ଥଭିଲ୍(ସ୍ୱାସ୍ଥ୍ୟ ଗ୍ରାମ)ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଫେସର ଲାଲ କହିଛନ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା ଯେକୌଣସି ରାଷ୍ଟ୍ରର ସାମଗ୍ରୀକ ବିକାଶ ପ୍ରକ୍ରିୟାର ମୂଳ ଆଧାର। ତେଣୁ ଉତ୍ତମ ସ୍ୱାସ୍ଥ୍ୟ ହିଁ ବୌଦ୍ଧିକ ତଥା ମାନସିକତାରେ ପରିବର୍ତ୍ତନ ଆଣିପାରିଥାଏ। ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱକୁ ଉପଲବ୍ଧି କରି ଡ. ସତ୍ୟବ୍ରତ ମୀନକେତନ ଯେଉଁ ନୂତନ ପଦକ୍ଷେପ ନେଇଛନ୍ତି ତାହା ଅନନ୍ୟ ଦୃଷ୍ଟାନ୍ତ ହୋଇ ରହିବ ବୋଲି କହିଥିଲେ। ହେଲ୍‌ଥଭିଲ୍‌ର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଡ. ମୀନକେତନ ଯୁବପିଢିଙ୍କୁ ଏକ ସୁସ୍ଥ ନିରାମୟ ଜୀବନ ଶୈଳୀ ଆପଣେଇବା ନିମନ୍ତେ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ସ୍ୱାସ୍ଥ୍ୟ ସେବା ସହିତ ଆକ୍ୟୁପ୍ରେସର, ଡ୍ରଗଲେସ ଥେରାପି ଭଳି ସେବା ଯୋଗାଣ କ୍ଷେତ୍ରରେ ହେଲଥ୍‌ଭିଲ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ସହ ଆୟୁର୍ବେଦର ଏହି ଚିକିତ୍ସା କେନ୍ଦ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଡ.ମୀନକେତନଙ୍କ ଦ୍ୱାରା ରଚିତ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୪ଟି ଉପାଦେୟ ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଶେଷରେ ହେଲ୍‌ଥଭିଲର ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦୁମତି ରାୟ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଓଡିଏମ ଶିକ୍ଷାନୁଷ୍ଠାନ ସମୂହର ସିଇଓ ସ୍ୱୟନ୍ ସତ୍ୟେନ୍ଦୁ ପରିଚାଳନା କରିଥିଲେ।

## ପରିବାର କଲ୍ୟାଣ କାର୍ଯ୍ୟକ୍ରମ

ବାଙ୍କୀ,୧୩।୧୨(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବାର କଲ୍ୟାଣ କାର୍ଯ୍ୟକ୍ରମରେ ୧୪ଜଣ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଛି। କାର୍ଯ୍ୟକ୍ରମକୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଧିକାରୀ ଧୂଳେଶ୍ୱର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଡାକ୍ତର ପଦ୍ମଲୋଚନ ପଣ୍ଡା ଅସ୍ତ୍ରୋପଚାର କରିଥିଲେ। ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଶାନ୍ତିଲତା ଦେଇ ପରିଚାଳନା କରିଥିବା ବେଳେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପ୍ରମିଳା ମଲ୍ଲିକ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରଞ୍ଜିତ ପ୍ରଧାନ, ମହିଳା ସ୍ୱାସ୍ଥ୍ୟକର୍ମୀ ଉଷାଲତା ମହାନ୍ତି, ଉମାକାନ୍ତ ସ୍ୱାଇଁ, ପ୍ରତାପ କୁମାର ଭଞ୍ଜ ଓ ମନୋଜ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବଡ଼ମ୍ବା,୧୩।୧୨(ଡି.ଏନ୍.ଏ.)

ବଡମ୍ବା ମୋହନସୁବୁଦ୍ଧି ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୬୦୮ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେଥିରେ ୧୦୫ ଶ୍ରବଣଜନିତ, ୮୭ ଦୃଷ୍ଟିବାଧିତ, ୧୫୨ ମାନସିକ ଅନଗ୍ରସର ହୋଇଥିବାବେଳେ ୨୩୦ ଶାରିରୀକ ଦିବ୍ୟାଙ୍ଗଭାବେ ଚିହ୍ନଟ ହୋଇ ଚିକିତ୍ସିତ ହୋଇଥିଲେ। ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, ବସ୍‌ପାସ୍, ଭିନ୍ନକ୍ଷମ ଭତ୍ତା, ବାଣିଶ୍ରୀ ଭତ୍ତା, ଟ୍ରାଏ ସାଇକେଲ, ହ୍ୱିଲ ଚେୟାର, ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ସରକାରଙ୍କ ଉକ୍ତ ଯୋଜନା ବହୁ ପ୍ରସାରୀବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ଭାରପ୍ରାପ୍ତ ବିଡିଓ ଅନିଲ କୁମାର ପଟ୍ଟନାୟକ, ଏବିଡିଓ ଭରତ କୁମାର ବେହେରା, ମୁରଲିଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ମହେଶ୍ୱର ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୩୭ଜଣ ଭିନ୍ନକ୍ଷମ, ୭୯ଜଣ ବିଧବା ଓ ୪୦୧ଜଣଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତାର କାଗଜାତ ବଣ୍ଟନ କରାଯାଇଥିଲା। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ସାହୁ ଓ ବିଆର୍‌ଟି ଦୀନବନ୍ଧୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୧ ନଂ. ୱାର୍ଡ ବାସିନ୍ଦାଙ୍କୁ ମିଳୁନି ପାନୀୟଜଳ

# ବ୍ୟବହାର କରୁଛନ୍ତି କୂଅପାଣି

ବାଙ୍କୀ,୧୩।୧୨(ସ୍ୱ.ପ୍ର.)

**ବାଙ୍କୀ ଏନଏସି**



■୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଅସୁବିଧାର ସମ୍ମୁଖୀନ
■ଶୀଘ୍ର ପାନୀୟ ଜଳ ଯୋଗାଇ ଦେବାକୁ ଦାବି

ବାଙ୍କୀ ଏନଏସି ଅଧୀନ ୧୧ ନମ୍ବର ୱାର୍ଡରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଛନ୍ତି। ଏହି ୱାର୍ଡଟି ଏନଏସି କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଛି। ମାତ୍ର ଏନଏସି ଗଠନକୁ ୬୦ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ ଏହି ୱାର୍ଡର ଜନସାଧାରଣଙ୍କୁ ଏପର୍ଯ୍ୟନ୍ତ ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଇ ଦିଆଯାଇ ନାହିଁ। ଫଳରେ ସେମାନେ କୂଅ ପାଣି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସେମାନେ ନାନା ସଂକ୍ରାମକ ରୋଗରେ ପୀଡିତ ହେଉଛନ୍ତି। ସହରାଞ୍ଚଳର ସମସ୍ତ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଥିଲେ ୧୧ନମ୍ବର ୱାର୍ଡ ବାସିନ୍ଦାଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହି ୱାର୍ଡକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଚର୍ଚ୍ଚିକା ମନ୍ଦିର ମଣ୍ଡପଠାରେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହୋଇ ଗତବର୍ଷ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କିନ୍ତୁ ଭାଗ୍ୟର ବିଡମ୍ବନା ଏପର୍ଯ୍ୟନ୍ତ ଜଳ ଯୋଗାଣର ବ୍ୟବସ୍ଥା ହୋଇନାହିଁ। ଏପରି କି ଏହି ୱାର୍ଡରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ମଧ ବିଛା ଯାଇନାହିଁ। ୧୦ନମ୍ବର ୱାର୍ଡରେ ୨ଟି ଷ୍ଟାଣ୍ଡ୍ ପୋଷ୍ଟ ଅଛି। ମାତ୍ର ତାହା ଭାଙ୍ଗିଯାଇଛି। ତେଣୁ ତୁରନ୍ତ ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଓ ବାଙ୍କୀ ଜନସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଆଡ୍‌ଭୋକେଟ ସନ୍ତୋଷ ରଣା ଓ ଶରତ ଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ୱାର୍ଡବାସିନ୍ଦା ଅନୁରୋଧ କରିଛନ୍ତି। ଏସମ୍ପର୍କରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଳାସ କୁମାର ବେହେରାଙ୍କୁ ପଚାରିବାରେ ସେ କହିଥିଲେ, ଏବେ ପାଇପ୍ ବିଛି କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର କାର୍ଯ୍ୟଶେଷ ହେବ। ଏହାପରେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯିବ। ଏବେ ଦେଖିବାକୁ ଅପେକ୍ଷା, କେବେ ଏହି ୱାର୍ଡବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି।




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୧୯

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା – **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ – **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।

- ଗୌତମବୁଦ୍ଧ



## ■ସିଏମ୍‌ସି କଣ୍ଟ୍ରୋଲ ରୁମ୍‌ରେ ଅବ୍ୟବସ୍ଥା

# ସପ୍ତାହେ ହେବ ମିଳୁନି ଅଭିଯୋଗ ସମ୍ପର୍କିତ ତଥ୍ୟ

**କଟକ ଅଫିସ,୧୩।୧୨**

ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର '୫-ଟି' ସଂସ୍କାର ଆଣିଛନ୍ତି। ତେବେ କଟକ ମହାନଗର ନିଗମ(ସିଏମ୍‌ସି) କଣ୍ଟ୍ରୋଲ୍ ରୁମ୍‌ର ଏହି ସରକାରୀ ବ୍ୟବସ୍ଥା ଅର୍ଥହୀନ ହୋଇପଡ଼ିଛି। ପ୍ରାୟ ଏକ ସପ୍ତାହ ହେବ ସିଏମ୍‌ସି କଣ୍ଟ୍ରୋଲ ରୁମ୍‌ରେ ଦାଖଲ ହେଉଥିବା ଅଭିଯୋଗ ସମ୍ପର୍କରେ ଅଭିଯୋଗକାରୀଙ୍କୁ କୌଣସି ତଥ୍ୟ ମିଳୁନାହିଁ। ଏଭଳି ଅବ୍ୟବସ୍ଥାକୁ ନେଇ ଅନେକ ଅଭିଯୋଗକାରୀ ସିଏମ୍‌ସିକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ବିକାଶ ଭବନ ପରିସରରେ ସିଏମ୍‌ସି ପକ୍ଷରୁ ଏବେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହା ଖୋଲା ରହୁଛି। ସିଏମ୍‌ସି ଅଞ୍ଚଳର ବାସିନ୍ଦା ସମସ୍ୟା ସମ୍ପର୍କରେ କଣ୍ଟ୍ରୋଲ ରୁମ୍‌ରେ ଲିଖିତ ଭାବେ ଅଭିଯୋଗ କରିଥାନ୍ତି। ଏହାପରେ ଏଠାରେ ଉକ୍ତ ଅଭିଯୋଗର ସଂଖ୍ୟା ଓ କେଉଁ ବିଭାଗକୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଦିଆଯାଇଛି ସେ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ଜଣାଇ ଦିଆଯାଏ। ପ୍ରତ୍ୟହ ଏଠାକୁ ହାତଗଣତି କେତୋଟି ଅଭିଯୋଗ ଆସୁଥିବାବେଳେ ୨ଟି ସିଫ୍ଟର ୩ ଜଣ ଲେଖାଏ କର୍ମଚାରୀ ଏଠାରେ ନିଯୁକ୍ତ ହୋଇଛନ୍ତି। ଏମାନେ ଉକ୍ତ ଅଭିଯୋଗକୁ ରେଜେଷ୍ଟ୍ରି କରି ଅଭିଯୋଗକାରୀ ଓ ସମ୍ପୃକ୍ତ ବିଭାଗକୁ ଅବଗତ କରାଇଥାନ୍ତି। ମାତ୍ର କିଛିଦିନ ହେବ ଏହି ବ୍ୟବସ୍ଥା ବନ୍ଦ ହୋଇପଡ଼ିଛି। ଏ ସମ୍ପର୍କରେ କଣ୍ଟ୍ରୋଲ ରୁମ୍ (ନମ୍ବର-୦୬୭୧,୨୩୧୦୪୭୨) ସହ ଯୋଗାଯୋଗ କରିବାରୁ ଗତ ୮ତାରିଖରୁ ଏମ୍‌ଏମ୍‌ଏସ୍ ଜରିଆରେ ଅଭିଯୋଗକାରୀଙ୍କୁ ଅବଗତ କରାଇବା ବ୍ୟବସ୍ଥା ବନ୍ଦ ରହିଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କୌଣସି ଅଭିଯୋଗକାରୀଙ୍କୁ ଏସ୍‌ଏମ୍‌ଏସ୍ ପ୍ରଦାନ କରାଯାଇ ନାହିଁ ବୋଲି ଉକ୍ତ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ କରିବା ପରେ ଅଭିଯୋଗକାରୀଙ୍କ ସମସ୍ୟା କେବେ ସମାଧାନ ହେବ ଓ ସେ କାହା ସହ ଯୋଗାଯୋଗ କରିବେ ସେ ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି। ଫଳରେ ସମସ୍ୟାକୁ ନେଇ ସିଏମ୍‌ସି କଣ୍ଟ୍ରୋଲ ରୁମ୍‌କୁ ଯାଉଥିବା ଅଭିଯୋଗକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଟ୍ରାଫିକ ପରିଚାଳନା କମିଟି ବୈଠକ

# ସର୍ଭିସ ରୋଡ ମରାମତି, ଅଣ୍ଡର ପାସ୍ ଆଲୋକୀକରଣକୁ ଗୁରୁତ୍ୱ

**କଟକ ଅଫିସ,୧୩।୧୨**

କଟକ-ଭୁବନେଶ୍ୱର ମଧ୍ୟରେ ଥିବା ସର୍ଭିସ ରୋଡଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ସମସ୍ତ ଅଣ୍ଡର ପାସ୍‌ଗୁଡ଼ିକୁ ଆଲୋକୀକରଣ କରାଯିବ। ଶିଖରପୁର, ବାଲିକୁଦା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବ। ଶୁକ୍ରବାର ଟ୍ରାଫିକ ପରିଚାଳନା କମିଟି ବୈଠକରେ ୧୩ ସୂତ୍ରୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ସହରରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ଏସିପିଙ୍କ ସହାୟତାରେ ସିଏମ୍‌ସି ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯିବ। ଭେଣ୍ଡିଂ ଜୋନଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଦିଗରେ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବେଆଇନ ହୋର୍ଡିଂଗୁଡ଼ିକ ହଟାଇବା ଦିଗରେ ସିଏମ୍‌ସିକୁ ତତ୍ପର ହେବାକୁ କୁହାଯାଇଛି। ଅଟୋ ରିକ୍ସା ପାର୍କିଂ ସ୍ଥଳଗୁଡ଼ିକ ବିକାଶ କରାଯାଇ ତାହାକୁ କାର୍ଯ୍ୟକ୍ଷମ କରାଯିବ। ବାଦାମବାଡ଼ିରୁ ଲିଙ୍କରୋଡ ରାସ୍ତାରେ ଚାଲିଥିବା ଜାଇକା କାମକୁ ୧ ମାସ ମଧ୍ୟରେ ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଟ୍ରାଫିକ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ ଜୋରଦାର କରାଯିବ। ସହରର ରାସ୍ତାଗୁଡ଼ିକରେ ଲିଭି ଯାଇଥିବା ଜେବ୍ରା କ୍ରସିଂଗୁଡ଼ିକୁ ପୁନର୍ବାର ରଙ୍ଗ ଦେବା ସହିତ ଟ୍ରାଫିକ ସୂଚନା ଫଳକଗୁଡ଼ିକୁ ଲଗାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ଅଖିଳେଶ୍ୱର ସିଂ, ଟ୍ରାଫିକ ଏସିପି ଯତୀନ କୁମାର ପଣ୍ଡାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ବ୍ୟାଟେରି ଚୋରି, ୨ ଗିରଫ

**କଣ୍ଟାପଡ଼ା, ୧୩।୧୨(ଡି.ଏନ୍.ଏ.):** ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରିବା ଅଭିଯୋଗରେ କଟକସଦର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରଛି। ସେମାନେ ହେଲେ ନନ୍ଦନକାନନ ଥାନା ଅନ୍ତର୍ଗତ ଝିଙ୍କରଡିହ ଅଞ୍ଚଳର ପବିତ୍ର ପଡ଼ିଆରୀ ଓ କଟକସଦର ଥାନା ଅନ୍ତର୍ଗତ ଉତ୍ତମାପୁର ତେତାସାହିର ଦେବେନ୍ଦ୍ର ସାମଲ। ସୂଚନା ଅନୁଯାୟୀ, କଟକ ସଦର ଥାନାସ୍ଥିତ ଅମଣିଆପାଟଣା ଦଳିତ ସାହି ସୁନାଦେଇଙ୍କ ମନ୍ଦିର ନିକଟରେ ରଖାଯାଇଥିବା କେତେକ ଟ୍ରାକ୍ଟରରୁ ଗତ ୧୧ତାରିଖ ରାତିରେ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୫୯୨/୧୯)ରୁଜୁ ହୋଇଥିଲା।

### ମହାନଦୀ ସାଉଥ ଡିଭିଜନ

### ସର୍ଭେରୁ ବାଦ୍ ପଡ଼ିଲେ ଭାଗଚାଷୀ

**କଟକ ସଦର,୧୩।୧୨(ଡି.ଏନ୍.ଏ.):** ଜଳସମ୍ପଦ ବିଭାଗ ପକ୍ଷରୁ ଡିସେମ୍ବର ୧ରୁ ରାଜ୍ୟର ଚାଷୀଙ୍କ ଡାଟାବେସ ସର୍ଭେ ଆରମ୍ଭ ହୋଇଛି। ଏହି ସର୍ଭେ କାର୍ଯ୍ୟ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଚାଷୀଙ୍କ ଡାଟାବେସ ସର୍ଭେ ପାଇଁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ ପତ୍ରସଂଖ୍ୟା ୩୩୪୮୯/୫/୧୨/୧୯ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। କଟକସ୍ଥିତ ମହାନଦୀ ସାଉଥ୍ ଡିଭିଜନର କିଶନନଗର ସବ୍‌ଡିଭିଜନ ଅଞ୍ଚଳରେ ଚାଲିଥିବା ସର୍ଭେରେ ଭାଗଚାଷୀଙ୍କୁ ସାମିଲ କରାଯାଇ ନ ଥିବା ଜଣାପଡିଛି। ଫଳରେ କଟକ ସଦର ବ୍ଲକର ନିମେଇସାପୁର, ଫକିରପଡ଼ା, ଆୟତପୁର, ଧରିଣା ସମେତ ୧୩ଟି ପଞ୍ଚାୟତର ଭାଗଚାଷୀମାନେ ଏହି ସର୍ଭେରୁ ବାଦ ପଡିବେ। ଉକ୍ତ ସର୍ଭେରେ ଚାଷୀଙ୍କ ଜମିଜମା କାଗଜପତ୍ର ସହ ଆଧାର ନମ୍ବର ସଂଗ୍ରହ କରାଯାଇ ଡାଟା ପ୍ରସ୍ତୁତ କରାଯାଉଛି। ସରକାର ଅନ୍ୟ ଚାଷୀଙ୍କ ଭଳି ଭାଗଚାଷୀଙ୍କୁ ସର୍ଭେରେ ସାମିଲ କରିବା ପାଇଁ ଦାବି ହେଉଛି। ରାଜ୍ୟ ସରକାର କାଳିଆ ଯୋଜନାରେ ଭାଗଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ କିଶନନଗର ସବଡିଭିଜନର ସକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ଜେନା କୁହନ୍ତି, ପାଣି ପଞ୍ଚାୟତ ବୁକ ଲେଟର ଯାହା ନାମରେ ରହିଛି, ସେମାନଙ୍କର ଡାଟା ସଂଗ୍ରହ କରାଯାଉଛି।

### ବଜ୍ରକାପ୍ତା ଧରିବା ଅଭିଯୋଗ: ୨ ଗିରଫ

**ଡିଗିରିଆ,୧୩।୧୨(ଡି.ଏନ.ଏ.):** ବଜ୍ରକାପ୍ତା ଧରିବା ଅଭିଯୋଗରେ ଡିଗିରିଆ ଥାନା ଭୋଗଡ଼ା ପଞ୍ଚାୟତ ପାଇକ ସାହିର ୨ଜଣଙ୍କୁ ଆଠଗଡ଼ ବନ ବିଭାଗ ପକ୍ଷରୁ ଶୁକ୍ରବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ରାଜୁ ବେହେରା ଓ ସୁବାସ ନାଏକ। ସେମାନେ ବଜ୍ରକାପ୍ତାକୁ ଧରିବା ପରେ ଛାଡ଼ି ଦେଇଥିବାରୁ ଯଦି କେହି ଏହାକୁ ଦେଖିବାକୁ ପାଆନ୍ତି ତେବେ ବନ ବିଭାଗକୁ ଖବର ଦେବାକୁ ଅନୁରୋଧ କରାଯାଇଛି। ଏଥିପାଇଁ ୧୦ହଜାର ଟଙ୍କାର ପୁରସ୍କାର ରାଶି ମଧ ଘୋଷଣା କରାଯାଇଛି। ଏ ନେଇ ଏକ ପୋଷ୍ଟର ନୂଆପାଟଣା ଓ ଜେମାଦେଇପୁର ଅଞ୍ଚଳରେ ଲଗାଯାଇଛି।



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଡକର ସ୍ମୃତି ସଂସଦ ପକ୍ଷରୁ ଶୁକ୍ରବାର ଗ୍ରାମାଞ୍ଚଳ ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଉଛି।

## ଆନ୍ଦୋଳନ ପରେ ଶୌଚାଳୟ ଲୋକାର୍ପିତ

**ନିଆଳି,୧୩।୧୨(ଡି.ଏନ୍.ଏ.)**

ନିଆଳି ଅଞ୍ଚଳର ଜନସାଧାରଣଙ୍କ ପାଇଁ ୧୪ବର୍ଷ ପୂର୍ବେ କେନ୍ଦୁପାଟଣା ବଜାର ନିୟନ୍ତ୍ରଣ କମିଟି ପକ୍ଷରୁ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିଲା। ଫଳରେ ଏହା କାର୍ଯ୍ୟରେ ଲାଗି ପାରୁ ନ ଥିଲା। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆନ୍ଦୋଳନ ହେବା ପରେ ସରପଞ୍ଚ ପ୍ରଶାନ୍ତ ସିଂହଙ୍କ ଉଦ୍ୟମରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଶୁକ୍ରବାର ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶୌଚାଳୟକୁ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ। ତହସିଲଦାର ରଞ୍ଜନ କୁମାର ଜେନା,ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ କମେଣ୍ଟ ଅଭିଯୋଗ: ଯୁବକ ଗିରଫ

**କଟକ ଅଫିସ, ୧୩।୧୨**

ଯୁବତୀଙ୍କୁ କମେଣ୍ଟ ମାରିବା ସହ ଏସିଡ୍ ପକାଇବାକୁ ଧମକ ଦେବା ଅଭିଯୋଗରେ ଶୁକ୍ରବାର ମାଲ୍‌ଗୋଦାମ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଲେଜଛକ ପିଲିଗ୍ରିମ୍ ରୋଡର ପୂର୍ଣ୍ଣ ଦାସ(୩୦)। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଯୁବତୀଙ୍କ ଘର ଢେଙ୍କାନାଳ ଜିଲାରେ। ସେ ଚୌଦ୍ୱାର ଅଞ୍ଚଳରେ ବିବାହ କରିଥିଲେ ମଧ୍ୟ କଲେଜ ଛକ ଅଞ୍ଚଳର ଏକ ଘରୋଇ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଦୀର୍ଘଦିନ ହେବ ଯୁବତୀ କଲେଜ ଯିବା ବାଟରେ ପୂର୍ଣ୍ଣ ତାଙ୍କୁ କମେଣ୍ଟ ମାରୁଥିଲେ। ଶୁକ୍ରବାର ଉକ୍ତ ଯୁବତୀ କଲେଜ ଛକ ନିକଟରେ ଛିଡା ହୋଇଥିବାବେଳେ ପୂର୍ଣ୍ଣ ତାଙ୍କୁ କମେଣ୍ଟ ମାରିଥିଲେ। ଯୁବତୀ ଏହାକୁ ବିରୋଧ କରିବାରୁ ସେ ତାଙ୍କ ଉପରେ ଏସିଡ ପକାଇ ଦେବାକୁ ଧମକ ଦେଇଥିଲେ। ଏ ବିଷୟରେ ଯୁବତୀ ତାଙ୍କ ସମ୍ପର୍କୀୟ ଭାଇଙ୍କୁ ଜଣାଇଥିଲେ। ପରେ ଯୁବତୀଙ୍କ ଭାଇ ଓ ତାଙ୍କର ଜଣେ ବନ୍ଧୁ ଉକ୍ତ ଯୁବକଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏ ନେଇ ଯୁବତୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୧/୧୯) ରୁଜୁ କରିଛି।

## ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଅର୍ଥ ଦାବି

**କଣ୍ଟାପଡ଼ା,୧୩।୧୨(ଡି.ଏନ୍.ଏ.)**

ଅଡଶପୁର ବଜାରର ଜଣେ ବ୍ୟବସାୟୀଙ୍କୁ ୪ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଦାବାବଟି ପାଇଁ ଧମକ ଦେଇଥିବା ଗୁରୁବାର ଓଲଟପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୯୮/୧୯) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୧ଟା ରେ ବ୍ୟବସାୟୀ ମନୋଜ ମହାପାତ୍ର ନିଜ ବାସଭବନରେ ଥିବା ବେଳେ ଦୁଇଟି ବାଇକରେ ୪ଜଣ ଦୁର୍ବୃତ୍ତ ତାଙ୍କ ଗେଟ୍ ସମ୍ମୁଖରେ ଅଟକି ତାଙ୍କୁ ଡାକିଥିଲେ। ମନୋଜ ବାହାରକୁ ଆସିବାମାତ୍ରେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ୧୫ଲକ୍ଷ ଟଙ୍କା ଦାଦାବଟି ଦେବା ପାଇଁ ଧମକ ଦେଇଥିଲେ। ବଟି ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ମନୋଜ ଥାନାରେ ଅଭିଯୋଗ କରିଥିଲେ।

## ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

**ଖୁଣ୍ଟୁଣୀ,୧୩।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଆଦିବାସୀପଡ଼ା ଓର୍ଦା ଗ୍ରାମରେ ଗୁରୁବାର ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୩୧ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ମାତ୍ର କେହି ମ୍ୟାଲେରିଆରେ ପୀଡ଼ିତ ନ ଥିବା ସୁପରଭାଇଜର ମନମୋହନ ଦାସ କହିଛନ୍ତି। ଏହା ସହିତ ଗ୍ରାମର ଗର୍ଭବତୀ ମହିଳା ଓ ୧୨୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଆୟୁଷ ଡା. ଦେବୀ ପ୍ରସାଦ ଗିରି, ପିଏଚ୍‌ଓ କବିତାରାଣୀ ଦାସ, ରମାକାନ୍ତ ସିହ୍ନା, ନିର୍ମଳା ଦାସ, ପୁଷ୍ପାଞ୍ଜଳି ଦାସ, ରଶ୍ମିରଞ୍ଜନ ଜେନା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କୁ ପଥପ୍ରାନ୍ତ ପାଲା ମାଧ୍ୟମରେ ସଚେତନ କରାଯାଇଥିଲା।

## ଲିଫ୍ଟ ଆଳରେ ଯୁବକଙ୍କଠାରୁ ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ

**କଣ୍ଟାପଡ଼ା,୧୩।୧୨(ଡି.ଏନ୍.ଏ.)**

ବାଇକ୍‌ରେ ଲିଫ୍ଟ ଦେବା ଆଳରେ ଯୁବକଙ୍କୁ ମାଡ଼ ମାରି ତାଙ୍କ ଠାରୁ ଟଙ୍କା ଲୁଟି ନେବା ଘଟଣାରେ କଟକ ସଦର ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଉଷୁମା ଗ୍ରାମର ମନୋଜ କୁମାର ସେନାପତି। ଏହା ସହ ତାଙ୍କ ଠାରୁ ୧ହଜାର ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ୪୨ମୌଜା କୂଳସରିତୁଆଁ ଗ୍ରାମର ଜନ୍ମେଜୟ ପ୍ରଧାନ ଗତ ଅକ୍ଟୋବର ୩୧ରେ ପ୍ରତାପନଗରୀ ଯିବା ପାଇଁ ଖଲର୍ଦ୍ଧା ବ୍ରିଜ ନିକଟରେ ଗାଡିକୁ ଅପେକ୍ଷା କରିଥିଲେ। ଏହି ସମୟରେ ମନୋଜ ତାଙ୍କୁ ବାଇକ୍‌ରେ ଲିଫ୍ଟଦେଇ ସୁମାଣ୍ଡି ନେଇଯାଇ ସେଠାରେ ମାଡ଼ ମାରି ତାଙ୍କଠାରୁ ୧,୨୮୩୦ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଜନ୍ମେଜୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୯୬/୧୯) ରୁଜୁକରି ତଦନ୍ତ ଚଳାଇଥିଲା।

## 'ସ୍ରଷ୍ଟାଙ୍କ ଲେଖନୀରେ ସମୟୋପଯୋଗୀ ଲେଖା ସ୍ଥାନ ପାଉ'





ସମାରୋହରେ ଅତିଥିମାନେ ସୃଜନଶୀଳ ପତ୍ରିକା 'ଓଳାଶୁଣୀ'ର ଏକ ସ୍ୱତନ୍ତ୍ର ସଙ୍କଳନ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୧୩।୧୨**

### ଓଳାଶୁଣୀର ସ୍ୱତନ୍ତ୍ର ସଙ୍କଳନ ଉନ୍ମୋଚିତ

ସୃଜନଶୀଳ ସ୍ରଷ୍ଟାମାନଙ୍କ ଲେଖନୀରେ ସମୟୋପଯୋଗୀ ଲେଖା ସ୍ଥାନ ପାଉ। ଏହି ଲେଖା ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ସହିତ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିପାରିବ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ କହିଛନ୍ତି। ସ୍ଥାନୀୟ ଶ୍ରୀରାମ ନିଗମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯାଜପୁର ଜିଲା ପଲାଇସ୍ଥିତ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆରଡିସି ସାମଲ ଏହା କହିଥିଲେ। ସାଂପ୍ରତିକ ସ୍ଥିତିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ବିପଦ ଦେଖାଦେଇଛି। ବିଶେଷକରି ତରୁଣ ପିଢ଼ି ଏଥିପ୍ରତି ଅନାଗ୍ରହ ପ୍ରକାଶ କରୁଥିବାରୁ ଓଡ଼ିଆ ପତ୍ରପତ୍ରିକାଗୁଡ଼ିକର ସଂଖ୍ୟା ଓ ପାଠକ ସଂଖ୍ୟା କମୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ସୃଜନଶୀଳ ପତ୍ରିକା 'ଓଳାଶୁଣୀ'ର ଏକ ସ୍ୱତନ୍ତ୍ର ସଙ୍କଳନ ଉନ୍ମୋଚିତ ହୋଇଥିଲା। ସେହିପରି ଓଳାଶୁଣୀ ପୀଠର ବିକାଶ ପାଇଁ ଆରଡିସି ଗୁରୁତ୍ୱାରୋପ କରିଥିଲେ। ଏଥିରେ ଆଧ୍ୟାତ୍ମିକ ସାଧକ ଇଂ. ସଚ୍ଚିଦାନନ୍ଦ ନନ୍ଦ, କଟକ ବଡ଼ ଡାକ୍ତରଖାନା ହେପାଟୋଲୋଜି ବିଭାଗର ମୁଖ୍ୟ ଉମେଶ ଚନ୍ଦ୍ର ପାତ୍ର ବକ୍ତବ୍ୟ ଦେଇଥିଲେ। ଫାଉଣ୍ଡେଶନର ଅଧ୍ୟକ୍ଷ ତଥା 'ଓଳାଶୁଣୀ'ର ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ରଘୁନାଥ ମହାପାତ୍ରଙ୍କୁ ଫାଉଣ୍ଡେଶନ ପକ୍ଷରୁ 'ଓଳାଶୁଣୀ ସରସ୍ୱତୀ ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା। କବି ରୀନାରାଣୀ ମହାନ୍ତି ମାନପତ୍ର ପାଠ କରିଥିଲେ। ଉତ୍ସବରେ ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ ଗଙ୍ଗାଧର ରାଉତରାୟ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସର ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ସାମଲ, କଥାଶିଳ୍ପୀ ଚିତ୍ତରଞ୍ଜନ ଚିରଞ୍ଜିତ୍, ଗାଳ୍ପିକ ରବିନାରାୟଣ ଦାଶଙ୍କ ସହ ବହୁ କବି, ଗାଳ୍ପିକ ଉପସ୍ଥିତ ଥିଲେ।




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୧୯

ସମୟ - ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ - ସନ୍ଧ୍ୟା ଘ.୫.୩୦ ମି. ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ମୁଖ୍ୟ ବକ୍ତା - ଡ. ଅନନ୍ତରାମ କର, ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ - ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68

**ଟ୍ରେନ ଧକ୍କାରେ ମହିଳା ଗୁରୁତର**

**ପୁରୀ ଅଫିସ :** ପୁରୀ ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ଟ୍ରେନ ଧକ୍କାରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଘର ସମୁଦ୍ରକୂଳ ଥାନା ପେଣ୍ଟକଟା ଅଞ୍ଚଳରେ ବୋଲି ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ସଂପୃକ୍ତ ମହିଳା ହୁଳୁହୁଳିଆ ପୋଲ ଦେଇ ଟ୍ରେନ ଲାଇନ ପାର ହେଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରେନ ଧକ୍କାରେ ରାସ୍ତା କଡକୁ ଛିଟିକି ପଡିଥିଲେ।



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ସତ୍ୟବାଦୀ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ

**କଣାସ, ୧୩।୧୨ (ସ୍ୱ.ପ୍ର./ଡି.ଏନ୍.ଏ.):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନସେବକ, ସତ୍ୟବାଦୀ ବକୁଳ ବନବିଦ୍ୟାଳୟର ବରେଣ୍ୟ ଶିକ୍ଷକ ତଥା ସାମ୍ବାଦିକ ସତ୍ୟବାଦୀ ତ୍ରିପାଠୀଙ୍କର ୧୨୫ତମ ଜୟନ୍ତୀ ଶୁକ୍ରବାର କଣାସ ବ୍ଲକ ଅନ୍ତର୍ଗତ ଜନ୍ମପୀଠ ତ୍ରିଲୋଚନପୁର ଗ୍ରାମରେ ମହାସମାରୋହରେ ପାଳିତ ହୋଇଯାଇଛି। ତ୍ରିଲୋଚନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ସ୍ଥାପିତ ସତ୍ୟବାଦୀଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଶିକ୍ଷକ ଅଜୟ ପରିଡା, ଅନିଲ୍ ପଟ୍ଟନାୟକ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରଥ, ସୁଷମା ପୃଷ୍ଟି, ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବରେଣ୍ୟ ପୁରୁଷଙ୍କର ଜନ୍ମମାଟି ତଥା ପୁରୀ ଜିଲା ପ୍ରତି ଥିବା ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି କଣାସ ପଞ୍ଚାୟତ ସମିତି ସମ୍ମୁଖ ଶହୀଦ ମଣ୍ଡପରେ ସତ୍ୟବାଦୀ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ କଣାସ ବିକାଶ ପରିଷଦ ପକ୍ଷରୁ ପୁଷ୍ପମାଲ୍ୟ ଦେଇ ଜୟନ୍ତୀ ପାଳନ କରାଯାଇଥିଲା। ବିକାଶ ପରିଷଦର ସଭାପତି ପ୍ରଭାକର ମଙ୍ଗରାଜଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ସହଦେବ ସାହୁ, ସମ୍ମାନିତ ଅତିଥି କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ତପନ କୁମାର ରାଉତ, ଏସ୍‌ବିଆଇ ଶାଖା ପରିଚାଳକ ଲୋକନାଥ ମହାନନ୍ଦ ଯୋଗଦେଇ ସତ୍ୟବାଦୀଙ୍କ ସଂଗ୍ରାମୀ ଜୀବନୀକୁ ପ୍ରଶଂସା କରିଥିଲେ। ସମ୍ପାଦକ ଲିଙ୍ଗରାଜ ପରିଡା ଏବଂ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଇକୋ ରିଟ୍ରିଟ କାର୍ଯ୍ୟ ତଦାରଖ କଲେ ପର୍ଯ୍ୟଟନ ସଚିବ

**କୋଣାର୍କ, ୧୩।୧୨ (ଡି.ଏନ.ଏ.):** ଗୁଜରାଟର ରାନ୍ ଉତ୍ସବ ଢାଞ୍ଚାରେ କୋଣାର୍କ-ପୁରୀ ବେଳାମାର୍ଗର ସାହୁଖଣ୍ଡତାଠାରେ ପ୍ରଥମଥର ପାଇଁ ହେବାକୁ ଯାଉଛି ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଉତ୍ସବ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଶୁକ୍ରବାର ପର୍ଯ୍ୟଟନ ବିଭାଗ ସଚିବ ବିଶାଳ କୁମାର ଦେବ ଓ ପୁରୀ ଜିଲାପାଳ ବଳୱନ୍ତ ସିଂ ପ୍ରମୁଖ ଉତ୍ସବ ହେଉଥିବା ସ୍ଥଳ ପରିଦର୍ଶନ କରିବା ସହ ବାକି କାର୍ଯ୍ୟଗୁଡିକ ତଦାରଖ କରିଥିଲେ। ପ୍ରଥମଥର ଏଭଳି ବର୍ଣ୍ଣାଢ୍ୟ ଉତ୍ସବ ହେଉଥିବାରୁ ଦେଶ ବିଦେଶ ପର୍ଯ୍ୟଟକଙ୍କ ଆଗମନ ଦୃଷ୍ଟିକୁ ରଖି ପୁରୀ ପୋଲିସ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ସହ ୧୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଛାତରୁ ଖସିପଡ଼ି ମା', ଝିଅ ଗୁରୁତର

**ନିମାପଡ଼ା,୧୩।୧୨(ଡି.ଏନ୍.ଏ.):** ମାଙ୍କଡ଼ ଗୋଡାଇବାରୁ ଶୁକ୍ରବାର ଛାତରୁ ଖସିପଡ଼ି ମା', ଝିଅ ଗୁରୁତର ହୋଇଛନ୍ତି। ଆହତଦ୍ୱୟ ହେଲେ ନିମାପଡ଼ା ବଜାରରେ ରହୁଥିବା ବୈଜୟନ୍ତି ମୁଦୁଲି ଓ ଝିଅ ବୈଷ୍ଣବୀ। ଉଭୟଙ୍କୁ ପରିବାର ଲୋକ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ମା', ଝିଅ ଅପରାହ୍ନରେ ଛାତରୁ ଲୁଗା ଆଣିବାକୁ ଯାଇଥିବା ବେଳେ ହଠାତ୍ ଦୁଇଟି ମାଙ୍କଡ଼ କାମୁଡ଼ିବାକୁ ଗୋଡାଇଥିଲା। ଭୟରେ ଉଭୟ ଦୌଡିବାରୁ ୧୫ଫୁଟ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ।

# ଆଜି ଭଙ୍ଗାଯିବ ଘରୋଇ କୋଠା

**ପୁରୀ ଅଫିସ, ୧୩।୧୨**

■ଶେଷ ପର୍ଯ୍ୟାୟରେ ସାନଛତା ମଠ ଉଚ୍ଛେଦ | ■ଜମି ଦେଇଥିବା ଲୋକେ ଘର ଖାଲି କରୁଛନ୍ତି



ଶ୍ରୀମନ୍ଦିର ସୁରକ୍ଷା ଜୋନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ମଙ୍ଗୁ ମଠର ବ୍ୟବସାୟିକ କୋଠା ଭାଙ୍ଗିବା ପରେ ତିନିଦିନ ଧରି ଦୋଳବେଦି କୋଣରେ ଥିବା ସାନଛତା ମଠ ଭଙ୍ଗାଯାଉଛି। ଶୁକ୍ରବାର ତୃତୀୟ ଦିନରେ ଏହି ମଠ ଉଚ୍ଛେଦ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସାନଛତା ମଠରେ ଅଳ୍ପ କିଛି ଅଂଶ ଭଙ୍ଗାଯିବା ସହ ଘରୋଇ କୋଠା ଉଚ୍ଛେଦ କରିବ ପ୍ରଶାସନ। ଅନ୍ୟପକ୍ଷରେ ଯେଉଁମାନେ ଜମି ଦେଇ ସାରିଛନ୍ତି ସେମାନେ ଘର ଖାଲି କରୁଛନ୍ତି।

ଗତ ଦୁଇଦିନ ପରି ଶୁକ୍ରବାର ବି ସାନଛତା ମଠ ଭଙ୍ଗା ଯାଇଥିଲା। ଗୁରୁବାର ଯେଉଁଠୁ ଉଚ୍ଛେଦ ଅଟକିଥିଲା ସେହିଠାରୁ ହିଁ ଆରମ୍ଭ ହୋଇଥିଲା। ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ୫ ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଭଙ୍ଗା ଯାଇଥିଲା। ଏଥିରେ ୩ଟି ଜେସିବି ନିୟୋଜିତ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଉଚ୍ଛେଦ କାର୍ଯ୍ୟ ବନ୍ଦ ହେବା ବେଳକୁ ମଠର ପ୍ରାୟ ୯୦ ପ୍ରତିଶତ ଭଙ୍ଗା ସରିଥିଲା। ଗାଦିଘର, ମନ୍ଦିରକୁ ବାଦ୍ ଦିଆଯାଇ ଅନ୍ୟ କୋଠା ଭଙ୍ଗାଯାଇଛି। ଶନିବାର ଅଳ୍ପ ଯାହା କିଛି ବଳକା ରହିଛି ତାହା ଉଚ୍ଛେଦ କରାଯିବ। ଅପରାହ୍ନ ପ୍ରାୟ ୫ଟାରେ ଜିଲାପାଳ ବଳୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ଘଟଣାସ୍ଥଳକୁ ଯାଇ ଉଚ୍ଛେଦ କାର୍ଯ୍ୟ ଦେଖିଥିଲେ। ପୂର୍ବରୁ ଆଡୁଆଳରେ ରହିଯାଉଥିବା ଦୋଳବେଦି ସାନଛତା ମଠ ଭଙ୍ଗାଯିବା ପରେ ଏବେ ସ୍ପଷ୍ଟ ଦେଖାଯାଉଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ସାନଛତା ମଠ ମଧ୍ୟରେ ରହିଥିବା ଘରୋଇ କୋଠା ଶନିବାର ଭଙ୍ଗାଯିବ ବୋଲି ଜଣାପଡିଛି। ଏହି ତିନି ମହଲା କୋଠାର ସମସ୍ତ ଆସବାବପତ୍ର ଖାଲି କରି ଦିଆଯାଇଛି। ଅନ୍ୟପକ୍ଷରେ ଯେଉଁମାନେ ସରକାରଙ୍କୁ ସେମାନଙ୍କ ଜମି ବିକ୍ରି କରିସାରିଛନ୍ତି ସେମାନେ ଘର ଖାଲି କରୁଛନ୍ତି। ସେହିପରି ସୁରକ୍ଷା ଜୋନ ମଧ୍ୟରେ ଥିବା ଘରୋଇ ପ୍ଲଟ ମଧ୍ୟରୁ ୮୦ ପ୍ରତିଶତର ସେଲ୍‌ଡିଡ କରାଯାଇଛି। ଆହୁରି ୨୦ ପ୍ରତିଶତ ପ୍ଲଟର ବିକ୍ରି କବଲା ହୋଇପାରି ନାହିଁ। ଏଥିମଧ୍ୟରୁ କିଛି ପ୍ଲଟର କାଗଜପତ୍ର ପ୍ରସ୍ତୁତ ଚାଲିଛି। ଖୁବ୍‌ଶୀଘ୍ର ଏହାର କବଲା ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## 'ସମାଜ, ରାଷ୍ଟ୍ରର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅ'

**ପୁରୀ ଅଫିସ, ୧୩।୧୨**

ପ୍ରାଚୀନ ଭାରତୀୟ ଶିକ୍ଷା ପଦ୍ଧତି ମାନବୀୟ ମୂଲ୍ୟବୋଧର ପରିଚୟ ବହନ କରିଛି। ଜୀବନ ମୂଲ୍ୟଭିତ୍ତିକ ଶିକ୍ଷା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ। ସମାଜ ପ୍ରତି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ଓ ସମାଜର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ବୋଲି ଆରଏସ୍‌ଏସ୍‌ର ଓଡ଼ିଶା ପୂର୍ବର ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ କହିଛନ୍ତି। ଶୁକ୍ରବାର ଶରଧାବାଲିଠାରେ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଜ୍ଞାନ ମନ୍ଦିର(ଯୁକ୍ତ୨-ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ)ର ବାର୍ଷିକୋତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶ୍ୱାଳ ଜ୍ଞାନ, ଚରିତ୍ର, ସଂସ୍କୃତି, ରାଷ୍ଟ୍ରୀୟତା ଓ ସଂସ୍କାର ଯୁକ୍ତ ଶିକ୍ଷା ହିଁ ସମାଜ ଲାଗି ଆବଶ୍ୟକ ରହିଛି ବୋଲି କହିଥିଲେ। ପରିଚାଳନା ସଭାପତି ଡ.ସୁନୀଲ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଶିଶୁମନ୍ଦିର ସମ୍ପାଦକ ପ୍ରିୟରଞ୍ଜନ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସ ଓ ଜ୍ଞାନମନ୍ଦିର ପ୍ରଧାନାଚାର୍ଯ୍ୟ ରଙ୍ଗଲତା ସାହୁ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀ ଏବଂ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନାରେ ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମହିଳା ମହାସଂଘର ୧୦ ଦଫା ଦାବିପତ୍ର ପ୍ରଦାନ



ମହିଳା ମହାସଂଘର କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଗୋପ/କୋଣାର୍କ, ୧୩।୧୨(ଡି.ଏନ.ଏ.)**

ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେଉଥିବାବେଳେ ଦିନକୁ ଦିନ ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି। ବିଶେଷକରି କୋଣାର୍କ ଅଞ୍ଚଳର ଜମିଜମା ସମସ୍ୟା ପ୍ରମୁଖ କାରଣ ପାଲଟିଥିବାବେଳେ ମହିଳା ମହାସଂଘ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି ହୋଇପାରୁ ନ ଥିବାବେଳେ ବିଭିନ୍ନ ସରକାରୀ ଯୋଜନା ଯେପରି ଅପହଞ୍ଚ ପାଲଟିଛି। ମଦମୁକ୍ତ ଓଡ଼ିଶା ଗଠନ, କୋଣାର୍କରୁ ମଦ ଦୋକାନ ଉଚ୍ଛେଦ, ବ୍ୟବସାୟୀମାନଙ୍କୁ ସ୍ଥାୟୀ ଥଇଥାନ ସମେତ ୧୦ ଦଫା ସମ୍ବଳିତ ଦାବିପତ୍ର ମହିଳା ମହାସଂଘ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯାଇଛି। ଗୁରୁବାର କୋଣାର୍କରେ ସର୍ବଭାରତୀୟ ପ୍ଲାଷ୍ଟିକ୍ ସର୍ଜରି ମହାସଂଘ ସମ୍ମିଳନୀରେ ରାଜ୍ୟପାଳ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗଠନର ସଦସ୍ୟ ମିନର୍ଭା ରାଉତଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀ କୋଣାର୍କ ଯାତ୍ରୀନିବାସଠାରେ ରାଜ୍ୟପାଳଙ୍କୁ ଏହି ଦାବିପତ୍ର ଦେବାସହ ଶୀଘ୍ର ଏହାର ସମାଧାନ ପାଇଁ ଦାବି କରିଛନ୍ତି। ଯଦି ଏହି ଦାବି ପୂରଣ ନ ହୁଏ ତେବେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ମନ୍ତ୍ରୀଙ୍କୁ କୋଣାର୍କରେ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିଭଳି କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ମଧ୍ୟ ରାଜ୍ୟପାଳଙ୍କୁ ଭେଟି ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନଥିବା, ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ଓ ଅତିରିକ୍ତ ନିଯୁକ୍ତି ଆଦି ଦାବି ଦେଇ ପରିଷଦର ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ପରିଷଦର ସଭାପତି ପ୍ରଦୀପ କୁମାର ଛାଟୋଇ, ଯୁବନେତା ସୁଶାନ୍ତ ବେଉରା ଓ ପୂର୍ବତନ କାଉନସିଲର ପଦ୍ମଚରଣ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ପରିଚାଳନା ପାଇଁ ୭ ଜଣିଆ କମିଟି ଗଠନ

**ବ୍ରହ୍ମଗିରି,୧୩।୧୨(ଡି.ଏନ.ଏ)**

ବ୍ରହ୍ମଗିରି ବାଲିହରଚଣ୍ଡୀ ମନ୍ଦିର ପର୍ଯ୍ୟଟନ କ୍ଷେତ୍ରରେ ବେଶ୍ ଆଗରେ ରହିଛି। ଏହି ମନ୍ଦିରର ପରିଚାଳନା ପାଇଁ ବହୁଦିନ ପୂର୍ବେ ହେଡେଟାରିଟ୍ରଷ୍ଟ ଗଠନ କରାଯାଇଥିଲା। କିନ୍ତୁ ଏହି ଟ୍ରଷ୍ଟର ଥିବା ୧୨ଜଣ ଟ୍ରଷ୍ଟିଙ୍କ ମଧ୍ୟରୁ ୧୧ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଫଳରେ ମନ୍ଦିରର ପରିଚାଳନାରେ ବହୁ ବ୍ୟତିକ୍ରମ ହେଉଥିବା ସମୟରେ ଏହାର ପରିଚାଳନା ମନ୍ଦିର ପରିଚାଳନା କମିଟି ଦ୍ୱାରା ନ୍ୟସ୍ତ ରହିଥିଲା। ଏଣୁ ଏହି ମନ୍ଦିରର ସୁପରିଚାଳନା ନିମନ୍ତେ ଏଣ୍ଡାଉମେଣ୍ଟ କମିଶନ ଏକ ସାତଜଣିଆ କମିଟି ଗଠନ କରିଛନ୍ତି। ମନ୍ଦିର ପରିଚାଳନା ପାଇଁ ସ୍ଥାନୀୟ ତହସିଲଦାର, ବିଡିଓ, ଥାନାଧିକାରୀ, ସରପଞ୍ଚଙ୍କୁ ଦାୟିତ୍ୱ ଦେଇଥିବାର ଜଣାପଡିଛି। ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହେବା ପର୍ଯ୍ୟନ୍ତ ଏହି ମଧ୍ୟବର୍ତ୍ତୀକାଳୀନ କମିଟିଟି ଏକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବ ବୋଲି ଜଣାପଡିଛି।

■ କୁମ୍ଭକାର ନିଯୋଗ ସାଧାରଣ ସଭା

## ୧୫ରେ ହାଣ୍ଡିକୁଡୁଆ ଗଢ଼ା ଅନୁକୂଳ

**ପୁରୀ ଅଫିସ, ୧୩।୧୨**

ଆସନ୍ତା ୧୫ ତାରିଖ ରବିବାର ସୂର୍ଯ୍ୟୋଦୟଠାରୁ ସକାଳ ୭ଟା ୧୯ ମିନିଟ୍ ମଧ୍ୟରେ ଆଗାମୀ ବର୍ଷ ନିମନ୍ତେ ହାଣ୍ଡିକୁଡୁଆ ଗଢିବା କାର୍ଯ୍ୟର ଅନୁକୂଳ କରାଯିବ। ଚଳିତ ପୌଷ ମାସ କୃଷ୍ଣପକ୍ଷ ତୃତୀୟା ତିଥି ଜୟା ଅର୍କବାସରେ ରବି ପୁଷ୍ୟା ଯୋଗରେ ପଣ୍ଡିତଙ୍କ ବିଚାର କ୍ରମେ ଏହି ଶୁଭ ଅନୁକୂଳ ସମୟ ନିର୍ଘଣ୍ଟ କରାଯାଇଛି। ଶୁକ୍ରବାର ଶରଧାବାଲିସ୍ଥିତ କୁମ୍ଭକାର ନିଯୋଗ କାର୍ଯ୍ୟାଳୟ ପରିସରରେ ନିଯୋଗର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜନାର୍ଦ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ମହେନ୍ଦ୍ର ବିଶୋଇ ବିବରଣୀ ପାଠ କରିଥିଲେ। ପୁରୀର କୁମ୍ଭାରପଡ଼ା, ଟିକରପଡ଼ା, ଜେନାପୁର, ନୂଆସାହି ଅଞ୍ଚଳରେ କୁମ୍ଭକାରମାନେ ଏହି ଶୁଭ ସମୟରେ ହାଣ୍ଡିଗଢା ଅନୁକୂଳ କରିବେ।

## ଗ୍ରାମୀଣ ଗୃହ ନିର୍ମାଣ ଅଗ୍ରଗତି ଅନୁଧ୍ୟାନ କଲେ ଏଡିଏମ୍

**ସାକ୍ଷୀଗୋପାଳ,୧୩।୧୨(ଡି.ଏନ.ଏ.)**

ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ଅଗ୍ରଗତି ନେଇ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଶୁକ୍ରବାର ସତ୍ୟବାଦୀ ବ୍ଲକର ଦୁଗଲ, ବଳପୁର, କାଦୁଆ ଓ ବୀରରାମଚନ୍ଦ୍ରପୁର ପଞ୍ଚାୟତକୁ ଯାଇ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧. ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଛି। ନିର୍ଦ୍ଧାରିତ ସମୟ ସୀମାରେ ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ କଲେ ଅଧିକ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ସୁବିଧା ଥିଲେ ମଧ୍ୟ ଅନେକ ହିତାଧିକାରୀ ଗୃହ ନିର୍ମାଣ କରୁନାହାନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ପ୍ରଦାନ କରାଯାଇଥିବା ଅନୁଦାନ ଫେରାଇବାକୁ ନୋଟିସ କରାଯାଇଛି। ଏଥିରେ ବ୍ୟତିକ୍ରମ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସତ୍ୟବାଦୀ ପଞ୍ଚାୟତ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ ପଦକ୍ଷେପ ଗ୍ରହଣ କରି ୨୦୧୬-୧୭ ଆର୍ଥିକ ବର୍ଷରୁ ପଡିରହିଥିବା ଗୃହଗୁଡିକ ପୁନଃନିର୍ମାଣ ଆରମ୍ଭ କରିଛନ୍ତି। ଦୁଗଲ ପଞ୍ଚାୟତରେ ଚାଲିଥିବା ୧୦ଟି ଗୃହ ନିର୍ମାଣର ଅଗ୍ରଗତି ନେଇ ଅତିରିକ୍ତ ଜିଲାପାଳ ଅନୁଧ୍ୟାନ କରିବା ସମୟରେ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୀରାରାମଚନ୍ଦ୍ରପୁର ପଞ୍ଚାୟତର ଜଣେ ଅନୁସୂଚିତ ଜାତି ହିତାଧିକାରୀଙ୍କ ଅଭିଯୋଗ ସମ୍ପର୍କରେ ତଦନ୍ତ କରିବାପରେ କାଦୁଆ ପଞ୍ଚାୟତର ପ୍ରଧାନ ସାହି ଓ ବଳପୁର ପଞ୍ଚାୟତରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବସ ଗୃହ କାମକୁ ଏଡିଏମ ବୁଲି ଦେଖିଥିଲେ। ହିତାଧିକାରୀମାନଙ୍କୁ ବିଲ୍ ଏବଂ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନା ମଜୁରି ମିଳିବାରେ ବିଳମ୍ବ ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅନୁଧ୍ୟାନ ବେଳେ ସତ୍ୟବାଦୀ ବ୍ଲକ ସହକାରୀ ଯନ୍ତ୍ରୀ ଭାସ୍କର ଶତପଥୀ, ବରିଷ୍ଠ କିରାଣି ପ୍ରଫୁଲ୍ଲ କୁମାର ସାହୁ, ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ, ପିଇଓ ରାମଚନ୍ଦ୍ର ସାମର୍ଥା କର୍ମଚାରୀ ସାମିଲ ଥିଲେ।


ଓଡ଼ିଶା ଶାସନ



**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

**୧୪ ଡିସେମ୍ବର, ୨୦୧୯**

ସମୟ - ସକାଳ ଘ.୮ .୩୦ମି.

ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା

**ସମୟ - ସନ୍ଧ୍ୟା ଘ.୫.୩୦ ମି.** **ସ୍ଥାନ - ଜୟଦେବ ଭବନ**

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି - **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର,** ମାନ୍ୟବର ବିଧାୟକ, ବଡ଼ମ୍ବା
**ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ,**
ସଭାପତି, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ମୁଖ୍ୟ ବକ୍ତା - **ଡ. ଅନନ୍ତରାମ କର,** ବିଶିଷ୍ଟ ଗବେଷକ ଓ ପ୍ରାବନ୍ଧିକ

ଧନ୍ୟବାଦ ଅର୍ପଣ - **ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ,**
ସମ୍ପାଦକ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0100/1920 DADLS-68


■ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ

## ଦୁଇଦିନିଆ କର୍ମଶାଳା, ପ୍ରଶିକ୍ଷଣ ଉଦ୍‌ଘାଟିତ

**ପୁରୀ ଅଫିସ, ୧୩।୧୨**

ସ୍ଥାନୀୟ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱିଦିବସୀୟ କାର୍ଯ୍ୟକର୍ତ୍ତା କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ମୁଖ୍ୟଅତିଥି ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଯୋଗଦେଇଥିଲେ। ଖାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରତିଷ୍ଠାନର ମହାସଚିବ ରବୀନ୍ଦ୍ର ନାଥ ପ୍ରତିହାରୀ ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ଶ୍ରୀଜଗନ୍ନାଥଙ୍କ ଧ୍ୟାନ ଆବୃତ୍ତି କରିଥିଲେ। କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ କର୍ମଶାଳା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଭିଡିଓ ମାଧ୍ୟମରେ ଆଶୀର୍ବଚନ ପ୍ରଦାନ କରିଥିଲେ। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଓ ବାବା ସତ୍ୟାନନ୍ଦ ଦାସ ବ୍ରହ୍ମଚାରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ତତ୍ତ୍ୱ ଓ ମହିମା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହନ୍ତ ଡ. ରାମଚରଣ ଦାସ ଓ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୁଦର୍ଶନ ନାୟକ ଏବଂ ସାଙ୍ଗଠନିକ ବ୍ୟବସ୍ଥା ଓ ସାଙ୍ଗଠନିକ ପରିଚାଳନା ସମ୍ବନ୍ଧରେ ଡା. କରୁଣାକର ପ୍ରଧାନ ଓ ରାଧେଶ୍ୟାମ ପଣ୍ଡା ବକ୍ତବ୍ୟ ରଖିଥିଲେ। ଡ. ଅସୀତ ମହାନ୍ତି ପ୍ରଚାର ଓ ପ୍ରସାର ଏବଂ ପ୍ରଫେସର ଡ. ଦିବାକର ମହାପାତ୍ର ସେବାପୂଜା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପାରମ୍ପରିକ ଭଜନ ପରିବେଷଣ କରାଯାଇଥିଲା। ଏଥିରେ ଓଡ଼ିଶା ଏବଂ ବାହାରୁ ବହୁ ସଂଖ୍ୟକ କର୍ମକର୍ତ୍ତା ଓ ସଦସ୍ୟ ଅଂଶଗ୍ରହଣ କରିଛନ୍ତି।